Annual Subscription Rs. 50.00 only

# ମାତୃଭବନ ପତ୍ର

## ମାସିକ ଶିକ୍ଷା ଓ ଆଧ୍ୟାତ୍ମିକ ପତ୍ରିକା

ସପ୍ତବିଂଶ ବର୍ଷ ◆ ନବମ ସଂଖ୍ୟା ◆ ମାର୍ଚ୍ଚ ୨୦୧୮

Go deeper into your soul.

- Sri Aurobindo

ତୁମ ଆତ୍ମାର ଗଭୀରତର ମଧ୍ୟକୁ ପ୍ରବେଶ କର ।

– ଶ୍ରୀଅରବିନ୍ଦ

**ମାତୃଭବନ**

ଶ୍ରୀଅରବିନ୍ଦ ମାର୍ଗ, କଟକ – ୭୫୩ ୦୧୩

୨୯.୦୩.୧୯୧୪-୨୯.୦୩.୨୦୧୮



**ଶ୍ରୀମା'ଙ୍କ ପଣ୍ଡିଚେରୀରେ ପ୍ରଥମ ପଦାର୍ପଣ ଦିବସ**

ଏବଂ ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ସହିତ ସାକ୍ଷାତର
ଏକଶତଚାରି ବର୍ଷ ପୂର୍ତ୍ତି ଦିବସ ଉପଲକ୍ଷ୍ୟେ
"ମାତୃଭବନ ପତ୍ର" ଓଡ଼ିଶାର ସମସ୍ତ ମାତୃସନ୍ତାନମାନଙ୍କ
ତରଫରୁ ଦିବ୍ୟଜନନୀ ଏବଂ ପରମ ପ୍ରଭୁଙ୍କ ପବିତ୍ର ପାଦପଦ୍ମରେ
ଗଭୀର ଶ୍ରଦ୍ଧାଞ୍ଜଳି ଜଣାଉଛି ।

# ଶ୍ରୀ ରାମକୃଷ୍ଣ ଦାସଙ୍କ ସହ ପତ୍ରାଳାପ...

ବର୍ତ୍ତମାନ ଲେଖିବାର ସମୟ ନୁହେଁ। କାର୍ଯ୍ୟ କରିବାର ସମୟ। ସଂସାରରେ ଉନ୍ନତି ତଥା ସଂସାରରେ କୌଣସି ଉତ୍ତମ ନୂତନ କାର୍ଯ୍ୟ ହେଲେ ସେଥିରେ ଛାତ୍ରମାନଙ୍କର ଅଧିକ ଅଂଶଗ୍ରହଣ କରିବାର ସୁଯୋଗ ଥାଏ। ବର୍ତ୍ତମାନ ଏକବାରେ ନୂତନ ଚେତନା ପୃଥିବୀରେ ପ୍ରତିଷ୍ଠା ହେବାର ସମୟ। ସେହି କାରଣରୁ ସମାଜରୁ ସମସ୍ତ ନିୟମ, ଶୃଙ୍ଖଳା ଭାଙ୍ଗି ଯାଇଅଛି। ଏହା ବିଶେଷ ରୂପେ ଘଟିଛି ଛାତ୍ର ସମାଜରେ। ପୂର୍ବେ ଗୁରୁକୁଳରେ ପଢ଼ିବା ସମୟରେ ଛାତ୍ରମାନଙ୍କର ଯେପରି ନିୟମ, ଶୃଙ୍ଖଳା, ତପସ୍ୟା ଥିଲା ବର୍ତ୍ତମାନ ଠିକ୍ ତାହାର ବିପରୀତ ଅନିୟମିତତା ବିଶୃଙ୍ଖଳା ତଥା ସ୍ୱେଚ୍ଛାଚାରୀତା ଛାତ୍ର ସମାଜରେ ରାଜତ୍ୱ କରିଛି। ପୂର୍ବେ ଛାତ୍ରମାନଙ୍କର ଲକ୍ଷ୍ୟ ଥିଲା ନୈତିକତା। ତାହା ଭାଙ୍ଗି ଯିବାରୁ ସେମାନଙ୍କ ସମ୍ମୁଖରେ ଆଉ କୌଣସି ଉଚ୍ଚ ଆଦର୍ଶ ବା ଲକ୍ଷ୍ୟ ନାହିଁ। ସେମାନେ ଲକ୍ଷ୍ୟ ଶୂନ୍ୟ ହେବାରୁ ସେମାନଙ୍କ ସମାଜରେ ଅଧିକ ବିଶୃଙ୍ଖଳା ସୃଷ୍ଟି ହୋଇଅଛି।



ଛାତ୍ରମାନଙ୍କ ଉପରେ ନିଜର ଉନ୍ନତି ତଥା ସଂସାରର ଉନ୍ନତି ନିର୍ଭର କରେ। ସେମାନେ ଲକ୍ଷ୍ୟ ଶୂନ୍ୟ ହେଲେ ନିଜର ଅବନତି ସଙ୍ଗେ ସଙ୍ଗେ ଦେଶର ଅଧଃପତନ ସ୍ୱାଭାବିକ। କିନ୍ତୁ ତାହା ହେବ ନାହିଁ। ଅତିମାନସ ସତ୍ୟ ଚେତନା ଏହି ପୃଥିବୀକୁ ଆସି ଅଛି। ତାହାର କେନ୍ଦ୍ର ହେଉଛି, ଶ୍ରୀଅରବିନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ଶ୍ରୀଅରବିନ୍ଦ ଆଶ୍ରମ, ଶିକ୍ଷାନୁଷ୍ଠାନ। ଛାତ୍ରମାନେ ଜୀବନର ଲକ୍ଷ୍ୟ ଶ୍ରୀଅରବିନ୍ଦଙ୍କ ଆଦର୍ଶ ଗ୍ରହଣ କରି ଆଶ୍ରମ ଶିକ୍ଷାକୁ ଜୀବନରେ ରୂପ ଦେଲେ ସେହିମାନେ ହେବେ ପୃଥିବୀରେ ନୂତନ ସତ୍ୟ ପ୍ରତିଷ୍ଠାର ପଥପ୍ରଦର୍ଶକ। ତାଙ୍କରି ଦ୍ୱାରା ହେବ ନିଜର, ପରିବାରର, ଦେଶର ତଥା ସଂସାରର ମହାନ ଉନ୍ନତି।

ଏହା ସକାଶେ ପ୍ରତ୍ୟେକ ସ୍କୁଲ କଲେଜରେ ଶ୍ରୀଅରବିନ୍ଦ ଛାତ୍ରସଂଘ ସଙ୍ଗଠିତ ହେବା ଆବଶ୍ୟକ। ଏହି ବିଷୟକୁ ନେଇ ଯେଉଁ ଛାତ୍ରମାନେ ହୃଦୟଙ୍ଗମ କରିଛନ୍ତି ସେମାନେ ନିଜ ନିଜ ସ୍କୁଲରେ ସମ୍ମିଳନୀ ଅନୁଷ୍ଠିତ କରି ଅନ୍ୟାନ୍ୟ ସ୍କୁଲ କଲେଜ ଛାତ୍ରମାନଙ୍କୁ ସୂଚନା ଦେବେ। ଏବଂ ଯେଉଁମାନଙ୍କର ଏହି କାର୍ଯ୍ୟରେ ଉତ୍ସାହ ହେବ ସେମାନେ ନିଜ ନିଜ ସ୍ଥାନରେ ଛାତ୍ରସଙ୍ଘ ଗଢ଼ି ସମ୍ମିଳନୀ କରିବେ। ଏହି ଗ୍ରୁପ୍ କର୍ମ ଦ୍ୱାରା ଦେଶରେ ଉନ୍ନତି ଘଟିବ ଏବଂ ଅସତ୍ୟ ଅନ୍ୟାୟ ଦୂର ହେବ। ଏହା ସଙ୍ଗେ ସଙ୍ଗେ ଶିକ୍ଷା ପ୍ରଣାଳୀ ମଧ୍ୟ ପରିବର୍ତ୍ତନ ହେବ।

**୧୨.୧୧.୬୮**

ବଡ଼ ଆନନ୍ଦର କଥା ଆପଣ ପାଠଚକ୍ରର ଅଧିବେଶନ ଉତ୍ସାହର ସହ ଅନୁଷ୍ଠାନ କରୁଅଛନ୍ତି। ଏହା ବିଶେଷ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ।

ଏହା ଦ୍ୱାରା ମା'ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରସାର ହୋଇପାରିବ। ଯେଉଁ ଆଦର୍ଶ ଦ୍ୱାରା ବର୍ତ୍ତମାନ ଜଗତ ପରିବର୍ତ୍ତନ ହୋଇପାରିବ। ଏହାହିଁ ଭଗବାନଙ୍କ ସଙ୍କଳ୍ପ। ଏହି କାର୍ଯ୍ୟ କରିବା ସକାଶେ ଶ୍ରୀମାଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସିଛନ୍ତି। ଏହି କାର୍ଯ୍ୟ କରିବା ବ୍ୟକ୍ତି ନିଶ୍ଚୟ ଭଗବାନଙ୍କ ସେବା କରୁଅଛନ୍ତି। ଏଥିରେ ଲେଶମାତ୍ର ସନ୍ଦେହ ନାହିଁ।

ଯେଉଁମାନେ ଯେଉଁଠାରେ ଏହି ମହତ୍ କାର୍ଯ୍ୟ ଅନୁଷ୍ଠାନ କରନ୍ତି ସେଠାରେ ମା' ସୂକ୍ଷ୍ମ ଭାବେ ଉପସ୍ଥିତ ରୁହନ୍ତି। ସଭାରେ ଯୋଗ ଦେଉଥିବା ବ୍ୟକ୍ତିଙ୍କର ଆନ୍ତରିକତା ଯଦି କିଛି ଅଂଶରେ ଥାଏ ସେମାନେ ମା'ଙ୍କ ଉପସ୍ଥିତି ଅବଶ୍ୟ ବୁଝିପାରିବେ। ଏହି କାର୍ଯ୍ୟରେ ଅଂଶ ଗ୍ରହଣ କରିବା ବ୍ୟକ୍ତି ଏବଂ ସମ୍ପର୍କ ରଖିଥିବା ବ୍ୟକ୍ତିଙ୍କର ଚେତନା ଉନ୍ନତ ହୁଏ ଏବଂ ସେ ସ୍ଥାନରେ ଉତ୍ତମ ପ୍ରଭାବ ନିର୍ମାଣ ହୁଏ। ଏହିପରି ମହତ୍ କାର୍ଯ୍ୟରେ ଯେଉଁମାନେ ଧନ ବ୍ୟୟ କରନ୍ତି ସେମାନଙ୍କର ଧନ ଯଥାର୍ଥରେ ଧନ୍ୟ ହୁଏ। **୧୬.୧.୬୯**

... ତାଙ୍କ ମା'ଙ୍କର କିଛି ସୁନାର ଅଳଙ୍କାର ଥିଲା। ସେ କହିଯାଇଥିଲେ ଶ୍ରୀମା'ଙ୍କୁ ଅର୍ପଣ କରିବା ସକାଶେ। ସେ ମୋତେ ଦେଲେ; ମୁଁ ଯିବା ସମୟରେ ସଙ୍ଗେ ନେଇଯିବି।

ଶଙ୍ଖତ୍ରାସ ହାଇସ୍କୁଲରେ ମିଟିଙ୍ଗ ହୋଇଥିଲା। ରାମନାଥ ବାବୁ, ଛୋଟେନାରାୟଣଜୀ ଏବଂ ମୁଁ ଭାଷଣ ଦେଇଥିଲୁ। ଦେଉଳିରେ ମିଟିଙ୍ଗ ହୋଇଥିଲା। ଲୋକଙ୍କର ଆଗ୍ରହ ଦେଖି ସ୍ୱଷ୍ଟ ପ୍ରତୀତ ହେଲା ମା'ଙ୍କର ସ୍ପେସାଲ କୃପା ଓଡ଼ିଶା ଉପରେ। କଟକ ଟାଉନହଲ୍‌ରେ ମିଟିଙ୍ଗ ମଧ ଦେଖାଗଲା ଲୋକଙ୍କର ଅତ୍ୟନ୍ତ ଉତ୍ସାହ। ମା'ଙ୍କୁ ଟିକିଏ ଜଣେଇ ଦେବେ। ମା'ଙ୍କ କୃପା ତଥା ଶକ୍ତିରୁ ମୋ ସ୍ୱାସ୍ଥ୍ୟ ଭଲ ରହୁ। ବର୍ତ୍ତମାନ ବାଲିକୁଦା ଯିବାର ତୟାରି। ଲୋକଙ୍କର ଅତ୍ୟନ୍ତ ଉତ୍ସାହ ଯୋଗୁ ମୋତେ ବିଶ୍ରାମ ମିଳିପାରୁ ନାହିଁ। ମା'ଙ୍କ କୃପାରୁ ମୋ ସ୍ୱାସ୍ଥ୍ୟ ମଧ ଭଲ ରହିବ।

**୨୮.୨.୭୦**

●

## ମାତୃଭବନ ପତ୍ର ସମ୍ପର୍କରେ

**ଗ୍ରାହକ ଚାନ୍ଦା ବର୍ଷକୁ ୫୦ଟଙ୍କା ଓ ଆଜୀବନ (୨୦ବର୍ଷ) ୧୦୦୦ଟଙ୍କା**

ଯେଉଁ ବନ୍ଧୁମାନଙ୍କର ଆସନ୍ତା ମାର୍ଚ୍ଚ ମାସ ୨୦୧୮ ସୁଦ୍ଧା ମାତୃଭବନ ପତ୍ରର ଗ୍ରାହକ ଚାନ୍ଦା ଶେଷ ହୋଇଯାଉଛି, ସେମାନେ ଦୟାକରି ବାର୍ଷିକ ଚାନ୍ଦା **ପଚାଶ ଟଙ୍କା ମାତ୍ର ଫେବୃୟାରୀ ମାସ ୨୦୧୮ ସୁଦ୍ଧା** ପଠାଇବାକୁ ଅନୁରୋଧ। ଗ୍ରାହକ ଚାନ୍ଦା ଶେଷ ହେବା ମାସ ଜାଣିବା ପାଇଁ ଆପଣଙ୍କ ପତ୍ରିକା ଖୋଳ ଉପରେ ଥିବା ଠିକଣା ସ୍ଲିପ୍‌ର ପ୍ରଥମ ଧାଡ଼ି ଦେଖନ୍ତୁ। ଧାଡ଼ିର ଶେଷରେ ଚାନ୍ଦା ଶେଷ ହେଉଥିବା ମାସ ଓ ବର୍ଷ ଉଲ୍ଲେଖ ଅଛି। ମାତୃଭବନ ପତ୍ର ସମ୍ପର୍କରେ କୌଣସି ଅଭିଯୋଗ ଥିଲେ **ମୋ: ୯୩୩୮୦୯୧୬୮୬ରେ ପଦ୍ମଚରଣ ମହାନ୍ତିଙ୍କୁ** ଜଣାଇବାକୁ ଅନୁରୋଧ। **ଅଭିଯୋଗ ଜଣାଇବା ସମୟରେ ନିଜର ଟେଲିଫୋନ /ମୋବାଇଲ ନମ୍ବର ଦେବାକୁ ଅନୁରୋଧ।** **ପରିଚାଳକ**

# ହଠାତ୍ ମନେପଡ଼େ

୧୯୪୫ ମସିହା ଜୁଲାଇ ମାସର କୌଣସି ଗୋଟାଏ ଦିନ। ରାତି ନ'ଟା ବେଳେ ଅମୃତଦା ମୋତେ ଡକାଇ ପଠାଇଲେ।

ମୁଁ ଯିବାକୁ ଅମୃତଦା କହିଲେ, "ପ୍ରଣବ, ମା' କହିଲେ ତୁମେ କାଲି ସକାଳେ ଆଶ୍ରମର ପିଲାମାନଙ୍କୁ ଧରି 'ସାଲ ଜାଁ ଦାର୍କ' (Salle Jean d'Arc)କୁ ଯାଇ ଗୋଟାଏ ସିନେମା ଦେଖାଇ ଆଣ।"

ସେତେବେଳେ ଆଶ୍ରମରେ ସିନେମା ଦେଖାଇବାର କୌଣସି ସୁଯୋଗ ବା ବ୍ୟବସ୍ଥା ନ ଥିଲା। ଆଉ ସେତେବେଳେ ଆଶ୍ରମରେ ଖୁବ୍ ବେଶୀ ହେଲେ ତିରିଶ ଚାଳିଶ ଜଣ ସାନ ସାନ ପୁଅଝିଅ ଥିଲେ।

ମୁଁ ସେ ସମସ୍ତଙ୍କର ନାମ ତାଲିକା କରି ପ୍ରତ୍ୟେକଙ୍କ ଘରେ ଘରେ ଯାଇ କହି ଆସିଲି, କାଲି ସକାଳେ ସାଢ଼େ ଛ'ଟାବେଳେ ସେମାନେ ସମସ୍ତେ ଯେପରି ପ୍ଲେ-ଗ୍ରାଉଣ୍ଡରେ ଯାଇ ପହଞ୍ଚନ୍ତି, ସିନେମା ଦେଖାଇବାକୁ ନେଇଯିବି। ଛବିର ନାମ 'Pinocchio (ପିନୋସିଓ)।

ପିଲାମାନଙ୍କୁ ସିନେମା ଦେଖାଇ ଦିପହରେ ସମସ୍ତଙ୍କୁ ମା'ଙ୍କ ପାଖକୁ ନେଇଗଲି। ମେଡ଼ିଟେସନ୍ ହଲ୍‌ର ଉପରେ ଦି-ମହଲାରେ ନିତି ଦିପହରେ ମା' ପିଲାମାନଙ୍କୁ ଥରେ ଦେଖୁଥିଲେ। ସେମାନେ ସମସ୍ତେ ଧାଡ଼ି ବାନ୍ଧି ବସି ରହୁଥିଲେ। ମା' ସେମାନଙ୍କର ପ୍ରତ୍ୟେକଙ୍କ ହାତରେ ଫୁଲ, କେତେବେଳେ ମିଠା, କେତେବେଳେ ଥଣ୍ଡା ଟମାଟୋ ଏମିତି ସବୁ ଦେଉଥିଲେ।

ପ୍ରତିଦିନ ଭଳି ସେଦିନ ମା' ଆସି ସେମାନଙ୍କ ହାତରେ ଏଇରକମ କିଛି ଗୋଟିଏ ଦେଇ ପଚାରିଲେ, 'ତୁମ୍ଭମାନଙ୍କୁ ଆଜି ସିନେମାଟି କେମିତି ଲାଗିଲା ?'

ସିନେମାର ଗଳ୍ପଟି ମା ମୋତେ ସଂକ୍ଷେପରେ କହିବାକୁ କହିଲେ। ମୁଁ କାହାଣୀଟି ମା'ଙ୍କୁ କହିଲି।

ଏଇ ପ୍ରଥମ ଆମର ଆଶ୍ରମରେ ସିନେମା ଦେଖିବାର ଅଭିଜ୍ଞତା। ଏହାପରେ ଦୁଇଥର ମା'ଙ୍କ ସାଙ୍ଗରେ ଆଶ୍ରମର ବାହାରେ ସିନେମା ହଲ୍‌ରେ ସିନେମା ଦେଖିବାକୁ ଯାଇଛୁ। ଗୋଟାଏ ଛବି ଦେଖିଥିଲୁ ରୋଦ୍ୟାଁ (Rodin)ଙ୍କ ଜୀବନ ଓ ତାଙ୍କ ଭାସ୍କର୍ଯ୍ୟ ଉପରେ, ଅନ୍ୟଟି ରୁଷିଆର ମେ-ଡ଼େ ପ୍ୟାରେଡ଼ର ଛବି। ତାହା ୧୯୪୮ ମସିହାର ଶେଷ ଆଡ଼କୁ କିମ୍ବା ୧୯୪୯ ମସିହା ପ୍ରାରମ୍ଭରେ ହେବ। ଦୁଇଥରଯାକ ଆମେ ପୂରା ସିନେମା ହଲ୍‌ଟିକୁ ରିଜର୍ଭ କରିଥିଲୁ।

ଏହାଛଡ଼ା ୧୯୪୫ ରୁ ୧୯୫୦ ପର୍ଯ୍ୟନ୍ତ ମଝିରେ ମଝିରେ ପ୍ଲେ-ଗ୍ରାଉଣ୍ଡରେ ୧୬ ମିଲିମିଟରର ଛବି ଫ୍ରେଞ୍ଚ୍ ବ୍ରିଟିଶ୍ ଅଥବା ଆମେରିକାନ୍ ଏମ୍‌ବ୍ୟାସିରୁ ଆସି ଦେଖାଇ ଦେଇ ଯାଉଥିଲେ। ସେମାନେ ହିଁ ସେମାନଙ୍କର ପ୍ରୋଜେକ୍ଟର ଓ ଫିଲ୍ମ ନେଇ ଆସୁଥିଲେ ଓ ଦେଖାଇ ଦେଇ ଯାଉଥିଲେ।

**କ୍ରମଶଃ**

**ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ**

●

# ଅତିମାନସ ସତ୍ୟ ଚେତନାର ଏକ ବିଭାବ

ଶ୍ରୀଅରବିନ୍ଦ ଯାହାକୁ ଅତିମାନସ ବୋଲି କହିଛନ୍ତି, ତାହା ହେଉଛି ଚେତନାର ଏପରି ଏକ ସ୍ତର ବା ଅବସ୍ଥା ଯେଉଁଠି ସବୁକିଛି ସତ୍ୟମୟ। ସେଠାରେ ସମସ୍ତ ଚିନ୍ତା, ସମସ୍ତ ଅନୁଭୂତି, ସମସ୍ତ ଭାବାବେଗ, କର୍ମର ସମସ୍ତ ପ୍ରେରଣା, ସଙ୍କଳ୍ପ ଓ ଶକ୍ତି ଆଦି ସବୁ କିଛି ଦିବ୍ୟ ସତ୍ୟର ଆଲୋକରେ ଉଦ୍ଭାସିତ। ଅତିମାନସ ତାର ସମଗ୍ର ସ୍ୱରୂପରେ ତଥା ତାର ସ୍ଥୂଳସତ୍ତା ଓ ଉପାଦାନରେ ଏକ ସତ୍ୟଚେତନା। ସେଠାରେ ଅଜ୍ଞାନ, ମିଥ୍ୟା ବା ଭ୍ରାନ୍ତି ଆଦିର ଆଦୌ କୌଣସି ପ୍ରବେଶ ନାହିଁ। ଆମ ମନର ଚେତନା ପାଇଁ ଚେତନାର ଏହି ଅତିମାନସ ସ୍ତରକୁ କଳ୍ପନା କରିବା ମଧ୍ୟ ଦୁରୂହ। କାରଣ ମନ ସ୍ତରରେ ଆମେ ନାନା ଆୟାସ, ନାନା ସାଧସାଧନା କରି ମଧ୍ୟ ସତ୍ୟ କେଉଁଟା, ମିଥ୍ୟା କେଉଁଟା ତାହା ବାଛିବାକୁ ମଧ୍ୟ ସମର୍ଥ ହୋଇନଥାଉ, ନିରନ୍ତର ସତ୍ୟରେ ବାସ କରିବା ତ ଦୂରର କଥା। କିନ୍ତୁ ଅତିମାନସ କ୍ଷେତ୍ରରେ ଏହା ଏପରି ନୁହେଁ। ଚେତନାର ଏହି ସ୍ତର ସତ୍ୟର ନିଜସ୍ୱ ଧାମ ହୋଇଥିବାରୁ ଏଠାରେ ସବୁକିଛି ସହଜ ଓ ସ୍ୱତଃସ୍ଫୁର୍ତ୍ତ ଭାବରେ କେବଳ ସତ୍ୟରହିଁ ଅଭିବ୍ୟକ୍ତି ହୋଇଥାଏ। ଶ୍ରୀଅରବିନ୍ଦଙ୍କ ଭାଷାରେ "......... ଏହାର ସୋପାନଗୁଡ଼ିକ ହେଉଛି ସତ୍ୟରୁ ଆହୁରି ମହତ୍ତର ସତ୍ୟ ଭିତରକୁ, ସତ୍ୟତର ଦୃଷ୍ଟିରୁ ଗଭୀରତର ଦୃଷ୍ଟି ଭିତରକୁ, ସମ୍ବୋଧିରୁ ସମ୍ବୋଧିକୁ, ଜ୍ୟୋତିରୁ ଆଲୋକର ଅସୀମ ଉଦ୍ଭାସ ଭିତରକୁ, କ୍ରମବର୍ଦ୍ଧମାନ ବ୍ୟାପ୍ତିରୁ ବିପୁଳ ପ୍ରସାର ଓ ସ୍ୱୟଂ ଆନନ୍ତ୍ୟ ଭିତରକୁ। ନିଜର ଶିଖରରେ ଏହା ଦିବ୍ୟ ସର୍ବଜ୍ଞତା ଓ ସର୍ବଶକ୍ତିମାନତାର ଅଧିକାରୀ।"

ଏହିପରି ଯେଉଁ ମହାନ୍ ଅତିମାନସ ଚେତନା, ତାହାର ଅଗଣନ ଦିଗ ଓ ଅନନ୍ତ ବିଭାବ ରହିଛି, ସେଗୁଡ଼ିକୁ କଳନା କରିବା ବି ଆମ ପକ୍ଷରେ ଅସମ୍ଭବ, ଆଲୋଚନା କରିବା ତ ଦୂରର କଥା। ଆମେ ଏଠାରେ ତାର କେବଳ ଗୋଟିଏ ବିଭାବ ଉପରେ ସାମାନ୍ୟ ଆଭାସ ଦେବାକୁ ଚେଷ୍ଟା କରିବା।

ପୃଥିବୀରେ ଆମେ ସବୁଠୁ ଯେଉଁ ବଡ଼ ସମସ୍ୟାର ସମ୍ମୁଖୀନ ହେଉ, ତା ହେଉଛି, ଏଠାରେ ଜ୍ଞାନ, ଶକ୍ତି, ସୌନ୍ଦର୍ଯ୍ୟ, ପ୍ରେମ ଆଦି ସତ୍ୟର ବିଭିନ୍ନ ବିଭାବ ଭିତରେ କୌଣସି ପାରସ୍ପରିକ ସଙ୍ଗତି ଓ ସମନ୍ୱୟ ନାହିଁ। ବରଂ ବେଶି କ୍ଷେତ୍ରରେ ଏଗୁଡ଼ିକ ଭିତରେ ଦ୍ୱନ୍ଦ୍ୱ ଓ ବିରୋଧ ଦେଖାଯାଏ। କେଉଁଠି ଜ୍ଞାନର ବିପୁଳ ପ୍ରକାଶ ଦେଖା ଦେଇଛି ତ ସେଠି ଶକ୍ତିର ସମ୍ପୂର୍ଣ୍ଣ ଅଭାବ, କେଉଁଠି ଶକ୍ତିର ବିସ୍ମୟକର ଅଭିବ୍ୟକ୍ତି ହୋଇଛି ତ ସେଠି ଜ୍ଞାନ ଓ ପ୍ରେମର କୌଣସ ପ୍ରକାଶ ନାହିଁ। ଏହି ସମସ୍ୟାଟି ଏପରି ଆକାର ଧାରଣ କରିଛି ଯେ ଆମେ ପୌରାଣିକ ଗଳ୍ପ ମାନଙ୍କରେ ମଧ୍ୟ ଲକ୍ଷ୍ମୀ, ସରସ୍ୱତୀ ଆଦି କଥା ଦେଖିବାକୁ ପାଉ। ପ୍ରକୃତରେ ଆମେ ଦେଖୁ, ଜଣେ ଅସାଧାରଣ ଜ୍ଞାନୀ ଓ ବିଚାରବନ୍ତ ଲୋକ, ତୀକ୍ଷ୍ଣ ଚିନ୍ତା ଓ ବିଚାର ଦ୍ୱାରା ବା

ନିଜର ଜ୍ଞାନ ଦୃଷ୍ଟିରେ କୌଣସି କ୍ଷେତ୍ରରେ ସତ୍ୟଟିଏ ଦେଖି ପାରୁଛନ୍ତି କିନ୍ତୁ ତାହାକୁ କାର୍ଯ୍ୟକାରୀ କରିବା ପାଇଁ ତାଙ୍କର କୌଣସି ଶକ୍ତି ନାହିଁ। ଜ୍ଞାନମୟ ଚିନ୍ତାର ଦୃଷ୍ଟିରେ ସେ ସତ୍ୟଟିକୁ ଧରି ପାରୁଛନ୍ତି କିନ୍ତୁ ବାସ୍ତବତାରେ ଫୁଟାଇବାକୁ ସେ ସମ୍ପୂର୍ଣ୍ଣ ଦୁର୍ବଳ ଓ ଅସମର୍ଥ। ସେହିପରି ଦେଖୁ କୌଣସି ବ୍ୟକ୍ତି ବା ଦଳ ବା ଦେଶ ହାତରେ ଅଜସ୍ର ଶକ୍ତି ଠୁଳ ହୋଇଛି, ଶକ୍ତି ଓ ସଙ୍ଗଠନର ବିସ୍ମୟକର ପ୍ରକାଶ ହୋଇଛି କିନ୍ତୁ ସତ୍ୟକୁ ବୁଝିବାର ବା ଅନୁଭବ କରିବା ଭଳି କୌଣସି ଜ୍ଞାନ ସେଠାରେ ନାହିଁ। ତେଣୁ ସେହି ପୁଞ୍ଜିଭୂତ ଶକ୍ତି ସତ୍ୟର ସେବାରେ ନିୟୋଜିତ ନ ହୋଇ ହୁଏତ ନିତାନ୍ତ ଅଜ୍ଞାନ ଓ ଅନ୍ଧକାର ଶକ୍ତିର ସେବାରେ ଲାଗୁଛି। ଆବଶ୍ୟକୀୟ ଜ୍ଞାନ ନଥିବାରୁ ଜଣେ ଶକ୍ତିମାନ ଲୋକ ଜ୍ଞାନୀ ଅଥଚ ଦୁର୍ବଳ ଲୋକକୁ ନିର୍ଯ୍ୟାତିତ କରୁଛି, ଜଣେ ଅତ୍ୟାଚାରୀ ଶକ୍ତିମାନ ଶାସକ ତାର ଦେଶବାସୀଙ୍କୁ ବା ସାମ୍ରାଜ୍ୟଲିପ୍ସୁ କୌଣସି ଦେଶ ଅନ୍ୟ ଦେଶ ଓ ଜାତି ଉପରେ ଶୋଷଣ ଲୁଣ୍ଠନ ଓ ନିର୍ମମ ଦମନର ଲୀଳା ଚଳାଇଛି।

ମନର ଚେତନା ଦ୍ୱାରା ଗଠିତ ଏହି ପୃଥିବୀର ବ୍ୟବସ୍ଥା ଏପରି ଯେ ଏଠାରେ ଅଜ୍ଞାନ ଓ ମୂଢ଼ ଲୋକ ମଧ୍ୟ ଅକଳନ ସମ୍ପଦ ଓ ଶକ୍ତିର ଅଧିକାରୀ ହୋଇପାରେ, ଜଣେ ମହାନ ଜ୍ଞାନୀ ଲୋକଙ୍କୁ ମଧ୍ୟ ଅସହାୟ ଭାବରେ ଅଭାବ, ଅନାଟନ, ଦୁଃଖ, ନିର୍ଯ୍ୟାତନା ଭୋଗ କରିବାକୁ ପଡ଼ିପାରେ, ଲୋକଙ୍କ ପାଇଁ ହୃଦୟରେ ଗଭୀର ପ୍ରେମ ନେଇ ଜଣେ ମହାପୁରୁଷ ମଧ୍ୟ ସେଇ ଲୋକମାନଙ୍କଠାରୁ ନାନା ନିଷ୍ଠୁରତାକୁ ନୀରବରେ ସହ୍ୟ କରିବାକୁ ପଡ଼ିପାରେ। ଏହି ପୃଥିବୀରେ ଚେଙ୍ଗିଜ୍‌ଖାଁ, ହିଟଲର ଭଳି ଅତ୍ୟାଚାରୀ ବିପୁଳ ଶକ୍ତି ଓ କ୍ଷମତାର ଅଧିକାରୀ ହୋଇପାରେ, ସକ୍ରେଟିସଙ୍କ ଭଳି ଜ୍ଞାନୀ ପଣ୍ଡିତଙ୍କୁ ବିଷପାନ କରିବାକୁ ପଡ଼େ, ପ୍ରେମର ଅବତାର ଯୀଶୁଙ୍କୁ କ୍ରୁଶବିଦ୍ଧ ହେବାକୁ ପଡ଼େ। ଖାଲି ସେତିକି ନୁହେଁ, ସତ୍ୟର ସେବା କରିବାକୁ ସମସ୍ତ ଆଗ୍ରହ ଓ ଉତ୍ସାହ ନେଇ ଜଣେ ମଧ୍ୟ ପୂରାପୂରି ମିଥ୍ୟା ଓ ଅନ୍ଧକାର ଶକ୍ତିର ସେବା କରିପାରେ। ଛଳନା ଓ ପ୍ରବଞ୍ଚନାର ଆଶ୍ରୟ ନେଇ ଅଜ୍ଞାନ ଓ ମିଥ୍ୟାର ଶକ୍ତି ଏଠାରେ ନିଜକୁ ଶ୍ରେଷ୍ଠତମ ସତ୍ୟ ବୋଲି ଜାହିର କରିପାରେ ଓ ଏପରି କି ନିଜ ପଛରେ ବହୁ ସାଧୁ ହୃଦୟ ଲୋକଙ୍କର ଆନୁଗତ୍ୟ ଓ ସମର୍ଥନ ମଧ୍ୟ ଲାଭ କରିପାରେ।

**କ୍ରମଶଃ**

***ବିଶ୍ୱମ୍ଭର ସାମନ୍ତ***

●

# ସ୍ମୃତି ସମାଚାର

## ସେ ଥିଲେ ସାଧୁପରି ସାଧୁଟିଏ

ଲୋକେ ତାଙ୍କୁ କିଏ କ'ଣ କହନ୍ତୁ ବା ନ କହନ୍ତୁ, ମତେ ଯଦି ପଚରା ଯାଏ ମୁଁ କହିବି ସେ ଥିଲେ ସାଧୁପରି ସାଧୁଟିଏ । ସାଧୁ ତ ବହୁତ ଅଛନ୍ତି, କିନ୍ତୁ ଯଥାର୍ଥରେ ସାଧୁପରି ସାଧୁଟିଏ ପାଇବା ବିରଳ । ଅତି ସାଧାସିଧା ବେଶ, ଅତି ସାଧାସିଧା କଥା, ଅତି ସାଧାସିଧା ବ୍ୟବହାର । ତାଙ୍କର ଥିଲା ସମ୍ପୂର୍ଣ୍ଣ ନିରାଡ଼ମ୍ବର ଜୀବନ । ତାଙ୍କର ବାହାରଟି ଥିଲା ଯେପରି ସରଳ, ଭିତରଟି ଥିଲା ସେହିପରି ସରଳ । ସେ କହୁଥିଲେ ସିଧା, କରୁଥିଲେ ସିଧା । ତାଙ୍କର ବାକ୍ୟ ଏବଂ କର୍ମ ଭିତରେ କେବେ ବି ପାର୍ଥକ୍ୟ ନ ଥିଲା ।

ସେ କହନ୍ତି, "ମୁଁ ପାଠ ପଢ଼ି ନାହିଁ, ମୋତେ ବକ୍ତୃତା ଦେଇ ଆସେ ନାହିଁ ।" କିନ୍ତୁ ତାଙ୍କ ବାକ୍ୟରେ କି ଯାଦୁ ଥିଲା, ଯାହା ଫଳରେ ଅତି ସରଳ ଭାବରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଆଦର୍ଶକୁ ବୁଝାଇ ପାରୁଥିଲେ, ଲୋକମାନଙ୍କୁ ଅନୁପ୍ରାଣିତ କରି ପାରୁଥିଲେ । ତାଙ୍କର କଥା ପରି ତାଙ୍କର ଲେଖା ମଧ୍ୟ ଥିଲା ଅତି ସରଳ, ସାରଗର୍ଭକ, ହୃଦୟସ୍ପର୍ଶୀ ଓ ସର୍ବଜନପ୍ରିୟ ଯାହା ଲୋକସାହିତ୍ୟ ନାମରେ ପରିଚିତ ।

ମା'ଙ୍କ ଉପରେ ତାଙ୍କର ଥିଲା ଅଗାଧ ବିଶ୍ୱାସ ଏବଂ ଅମାପ ଭରସା । ମା'ଙ୍କୁ ସ୍ମରଣ କରିବା, ମା'ଙ୍କୁ ଚିନ୍ତନ କରିବା, ମା'ଙ୍କ ନାମ ଶୁଣିବା, ମା'ଙ୍କୁ ମନନ କରିବା, ମା'ଙ୍କୁ ଧ୍ୟାନ କରିବା, ମା'ଙ୍କ କଥା କହିବା, ମା'ଙ୍କ ବହି ପଢ଼ିବା, ମା'ଙ୍କ କାମ କରିବା ଏହି ଥିଲା ତାଙ୍କ ଜୀବନର ସବୁକିଛି । ମୋଟ ଉପରେ ମା'ହିଁ ଥିଲେ ତାଙ୍କର ସର୍ବସ୍ୱ ।

ପିଲାଦିନରୁ ସେ ରାମନାମ ଜପ କରୁଥିଲେ । ନିରନ୍ତର ଜପ ବଳରେ ସେ ତାଙ୍କର ଜୀବନର ବହୁ ଅଲୌକିକ ଉପଲବ୍ଧି କଥା କହୁଥିଲେ । ମା'ଙ୍କ ନାମ ଜପ ନିରନ୍ତର କରିବା ଲାଗି ସେ ସମସ୍ତଙ୍କୁ କହୁଥିଲେ । ଏପରିକି ଜୀବନର ଶେଷ ପର୍ଯ୍ୟାୟରେ ନର୍ସିଂହୋମ୍‌ରେ ଥିବାବେଳେ ମଧ୍ୟ ତାଙ୍କୁ "ଆମେ କ'ଣ କରିବୁ" ବୋଲି ପଚାରିଲେ ସେ କହୁଥିଲେ-"ନାମଜପ" । ତାଙ୍କ ଭିତରେ କାମ, କ୍ରୋଧ, ଲୋଭ, ଗର୍ବ, ଅହଂକାର, ହିଂସା, ଦ୍ୱେଷ ଇତ୍ୟାଦି କିଛି ନଥିଲା । ଏସବୁ ଆକ୍ରମଣରୁ ରକ୍ଷା ଆମେ କିପରି ପାଇବୁ ବୋଲି ପଚାରିଲେ ସେ କହୁଥିଲେ, "ନିରନ୍ତର ମା' ଏହି ନାମ ଜପ କର । ଏସବୁ ରିପୁମାନେ ଭିତରକୁ ଆସିଲେ ତାଙ୍କୁ କେବେ ବି କ୍ରିୟାରେ ପରିଣତ କରିବାକୁ ଦିଅ ନାହିଁ ।" ସେ ସମସ୍ତଙ୍କୁ ସମାନ ଆଖିରେ ଦେଖୁଥିଲେ । କାହା ମନରେ ଦୁଃଖ ଦେବା ଭଳି କଥା କେବେ ବି କହୁ ନଥିଲେ । ସେ ଅନ୍ୟର ଦୁଃଖରେ ସମବେଦନା ପ୍ରକାଶ କରୁଥିଲେ ଏବଂ ଅନ୍ୟର ସୁଖରେ ସୁଖୀ ହେଉଥିଲେ । ତାଙ୍କର ପର ଆପଣା ଏ ଭାବ ନଥିଲା । ତାଙ୍କର ସେହି ହସ ହସ ମୁହଁ ଓ ଶିଶୁର ଚାହାଁଣି ଟିକିଏ ଦେଖିବାକୁ, ତାଙ୍କ ମୁଖରୁ ଆମ ମଧୁମୟୀ ମା'ଙ୍କ ବିଷୟରେ ମଧୁର କଥା ଟିକିଏ ଶୁଣିବାକୁ ପ୍ରତିଦିନ ବହୁଲୋକ ତାଙ୍କ ଘରକୁ ଯାଉଥିଲେ । ସମସ୍ତଙ୍କୁ ସେ ଆଗ ହାତଯୋଡ଼ି ନମସ୍କାର କରୁଥିଲେ ।

ତାଙ୍କର ନିଜର ଇଚ୍ଛା ବୋଲି କିଛି ନଥିଲା । ସେ ନିଜ ପାଇଁ କିଛି ବି ଚାହିଁ ନ ଥିଲେ ।

ସେ ନିଜ ପାଇଁ କାହାକୁ କିଛି ବି କହୁ ନ ଥିଲେ । ସେ କହୁଥିଲେ, "ଭଗବାନ ହେଉଛନ୍ତି ପରମ ସ୍ୱତନ୍ତ୍ର । ଏଣୁ ମା'ଙ୍କର ଅନୁଷ୍ଠାନଗୁଡ଼ିକରେ ସେହି ଦିବ୍ୟ ସ୍ୱତନ୍ତ୍ରତା ରହିବା ଉଚିତ ।" ପଦ ପଦବୀକୁ ସେ ଘୃଣା କରୁଥିଲେ । ସେ କହୁଥିଲେ, "ମା'ଙ୍କ ପାଇଁ କାମ କର । ସେ ପଦ ପଦବୀର ଆବଶ୍ୟକତା କ'ଣ ? ବାହାର ଲାଗି ଯେତିକି ଆବଶ୍ୟକ ହେଉଛି ସେତିକି ନାମକୁ ମାତ୍ର ରଖାଯାଉ । କିନ୍ତୁ ଯଥାର୍ଥ କର୍ମୀ ଏସବୁର ବହୁ ଊର୍ଦ୍ଧ୍ୱତର ଚେତନାରେ ରହିବା ଉଚିତ ।"

ଲୋକେ ତାଙ୍କୁ ଶ୍ରଦ୍ଧାରେ କହୁଥିଲେ 'ବାବାଜି ମହାରାଜ' । ୧୯୦୮ ଅଗଷ୍ଟ ୧୪ ରେ ଜନ୍ମ ହେଲେ । ୩୬ ବର୍ଷ ବୟସରେ ପଣ୍ଡିଚେରୀ ଆସିଲେ । ୧୯୯୮ ନଭେମ୍ବର ୮ ତାରିଖରେ ସ୍ଥୂଳ ଶରୀର ରକ୍ଷା କଲେ । ବହୁ ଲୋକ କୁହାକୁହି ହୁଅନ୍ତି ସେ ଜଣେ ସାଧୁ ଥିଲେ । ମୁଁ କହେ ସେ ଥିଲେ ସାଧୁପରି ସାଧୁଟିଏ ।

***ମଧୁସୂଦନ ମିଶ୍ର***

●

## ଶ୍ରୀମତୀ କନକ ଲତା ମହାନ୍ତିଙ୍କ ଶରୀରାବସାନ



ଆମ୍ଭମାନଙ୍କର ଅତ୍ୟନ୍ତ ପ୍ରିୟ, ମାତୃକର୍ମରେ ଓଡ଼ିଶାରେ ଅତି ନିବିଡ଼ ଭାବରେ ସମ୍ପୃକ୍ତ, ମାତୃଭବନର ଅତ୍ୟନ୍ତ ଅନ୍ତରଙ୍ଗ ପୂଜ୍ୟା କନକ ଅପା ଗତ ୨୬.୦୨.୨୦୧୮ ଦିନ ୮୧ ବର୍ଷ ବୟସରେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଶରୀରତ୍ୟାଗ କରିଛନ୍ତି । କନକ ଅପାଙ୍କୁ ଓଡ଼ିଶାର ମାତୃକର୍ମୀମାନଙ୍କ ମଧ୍ୟରେ ନଚିହ୍ନି ଥିବା ବ୍ୟକ୍ତି କେହିବି ନଥିବେ । ସମଗ୍ର ଓଡ଼ିଶାର ଅଧିକାଂଶ ସ୍ଥାନରେ ସେ ପହଞ୍ଚି ଅତି ସାଧାରଣରୁ ସାଧାରଣ ଲୋକଙ୍କ ନିକଟରେ ମା'ଶ୍ରୀଅରବିନ୍ଦଙ୍କ ବାର୍ତ୍ତା ପହଞ୍ଚାଇ ପାରିଛନ୍ତି । ଓଡ଼ିଶାରେ କନକ ଅପାଙ୍କ ସ୍ଥାନ ସବୁଦିନ ଅପୂରଣୀୟ ରହିବ । ମାତୃଭବନ ପତ୍ର ଓଡ଼ିଶାର ମାତୃସନ୍ତାନ ମାନଙ୍କ ତରଫରୁ କନକ ଅପାଙ୍କ ମହାନ୍ ଆତ୍ମା ପ୍ରତି ଗଭୀର କୃତଜ୍ଞତା ଜ୍ଞାପନ କରୁଅଛି ।

## ବିଶେଷ ସୂଚନା

ସଙ୍ଗଠନ ସମାଚାରରେ ଆସୁଥିବା ସମ୍ବାଦଗୁଡ଼ିକରେ ଥିବା ନାମଗୁଡ଼ିକ ଅପା/ଭାଇ ପରିବର୍ତ୍ତେ ପୁରାନାମ ପଠାଇବାକୁ ଅନୁରୋଧ । ତାହେଲେ ସେମାନଙ୍କର ପ୍ରକୃତ ନାମଗୁଡ଼ିକ ଜାଣି ହେବ । ଅନୁରୋଧ, ଆଗାମୀ ପ୍ରତ୍ୟେକ ସଂଖ୍ୟା ପାଇଁ ସମସ୍ତ କର୍ମୀ ବା ସଙ୍ଗଠକମାନଙ୍କର ପୂର୍ଣ୍ଣନାମ ପଠାଇବେ ।

**ସମ୍ପାଦକ**

# ଏବେବି ମନେପଡ଼େ......

## ସତରେ ଆନନ୍ଦ-ନିତ୍ୟାନନ୍ଦ ସାମନ୍ତରାୟ



ସକାଳୁ ଉଠି ନିତ୍ୟକର୍ମ ଶେଷ କରିବା ପରେ ତାଙ୍କର ପ୍ରଥମ କାର୍ଯ୍ୟ ହେଲା ବଗିଚା ଯିବା। ଡ୍ରାଇଭର ଗାଡ଼ି କାଢ଼ିବ। ଆସିବା ବେଳେ ସାହାଯ୍ୟକାରୀ କେହି ସାଙ୍ଗରେ ଥିବେ। ଗାଡ଼ିରେ ବସି ସିଧା ଯିବ ତେଲେଙ୍ଗାପେଣ୍ଠର ବଗିଚାକୁ। କିଛି ସମୟ ସେଠାରେ କଟାଇବାରେ ସେ କେଉଁ ଆନନ୍ଦ ପାଆନ୍ତି- ଆମେ ଆଦୌ କଳ୍ପନା କରିପାରିବୁନି। ତା'ନହେଲେ ନିଜର ଜୀବନର ଶେଷ ଦିନର ଶେଷ କାର୍ଯ୍ୟହିଁ ବଗିଚା ଯିବା ହୋଇନଥାନ୍ତା। ସଂସାର ଛାଡ଼ିବା ପୂର୍ବରୁ ଥରେ ଭଲକରି ବଗିଚା ବୁଲି ଆସିଥିଲେ। ତା'ଥିଲା ୨୩ ଫେବୃୟାରୀ। ଅପରାହ୍ନରେ ଝିଆରୀ ପୁଷ୍ପା (ରୁନିଆଁ) ଫୋନ୍‌ରେ ଜଣାଇଲା- ବାବୁଲି ଭାଇ, ଦାଦା ଚାଲିଗଲେ। ଆଦୌ କୌଣସି ସୂଚନା ନଥିଲା। ଘରେ ସମସ୍ତ ଦୈନନ୍ଦିନ କର୍ମ କରିଛନ୍ତି ଏବଂ କୌଣସି ଏକ ସାମାଜିକ କର୍ମରେ ଯୋଗଦେବାପାଇଁ ପରିବାରର ସମସ୍ତ ସଭ୍ୟସଭ୍ୟାମାନଙ୍କୁ ଏକାଠି କରିଛନ୍ତି। ଅପରାହ୍ନରେ ହଠାତ୍ ସମସ୍ତଙ୍କ ମେଳରେ ଚାଲିଗଲେ। ବଡ଼ ରହସ୍ୟାତ୍ମକ। ମାତ୍ର ଆତ୍ମାଙ୍କର ସମସ୍ତ ଘଟଣାହିଁ ରହସ୍ୟମୟ। କେବେ ଆସନ୍ତି-କେହି ଜାଣନ୍ତି ନାହିଁ, କେବେ ଯିବେ - ତା' ମଧ କେହି ଜାଣନ୍ତି ନାହିଁ। ମାତ୍ର ଆତ୍ମାଙ୍କର ସିଦ୍ଧାନ୍ତ ଅକାଟ୍ୟ, କାହାରିକୁ ସେ କୈଫିୟତ୍ ଦେବେ ନାହିଁ। କାହିଁକି ଗଲେ।

ସିଏ ଥିଲେ ଶ୍ରୀ ନିତ୍ୟାନନ୍ଦ ସାମନ୍ତରାୟ। ରାଜାବଗିଚାର ସାମନ୍ତରାୟ ବଂଶର ଶେଷ ମଉଡ଼ମଣି। ଆଗରୁ ବଡ଼ ଦୁଇଭାଇ, ଦୁଇ ଭାଉଜ ଏବଂ ନିଜର ଧର୍ମପତ୍ନୀ ଯାଇ ସାରିଥିଲେ। ଏପରିକି ବଡ଼ ପୁତୁରା ଅନିମେଶ ମଧ ଖୁବ୍ ଅଳ୍ପ ବୟସରେ ହୃଦ୍‌ଘାତରେ ପଣ୍ଡିଚେରୀରେ ଶରୀର ତ୍ୟାଗ କରିସାରିଥିଲେ। କିନ୍ତୁ ସବୁ କିଛିକୁ ଖୁବ୍ ଆଣ୍ଠରେ ସହି ଅତ୍ୟନ୍ତ ଦୃଢ଼ତାର ସହିତ ତିନି ପରିବାର-ସମସ୍ତ ପିଲାମାନଙ୍କୁ ଖୁବ୍ ସାମର୍ଥ୍ୟର ସହିତ ବାନ୍ଧି ରଖିଥିଲେ।

ତତ୍‌କାଳୀନ କଟକ ଜିଲ୍ଲା ତିର୍ତ୍ତୋଲରେ କୋଲର ଗ୍ରାମର ଜମିଦାର ବଂଶରେ ଜନ୍ମ ତାଙ୍କର। ପିତା ଶ୍ରୀ ଭଗବାନ ସାମନ୍ତରାୟ ସେ ଅଞ୍ଚଳର ଜମିଦାର। ସେଥିପାଇଁ ପିଲାମାନଙ୍କର ମଧ ପ୍ରବଳ ଖାତିର। ମାତ୍ର ଚଳଣିରେ କେହିବି ଜଣେ ଜମିଦାରର ଠାଣିରେ ଚଳନ୍ତି ନାହିଁ। ଶିକ୍ଷାରେ ଥିଲେ ଇଞ୍ଜିନିୟର, ବ୍ୟବସାୟରେ ଶିଳ୍ପପତି, ଆବଶ୍ୟକତାରୁ ରାଜନୀତି ଓ ଅନ୍ତର ପ୍ରେରଣାରୁ ଆଧାତ୍ମବାଦୀ। ସବୁଭାଇମାନେ ଥିଲେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଅନୁଗାମୀ। ନିତ୍ୟାନନ୍ଦ ମଉସାଙ୍କର ଦୁଇପୁଅ ଋଷି ଏବଂ ଟିକି ଉଭୟ ଆଶ୍ରମରେ ପାଠପଢୁଥିଲେ। ବଡ଼ ମଉସାଙ୍କୁ ମା' "ସାମନ୍ତରାୟ" ବୋଲି ସମ୍ବୋଧନ କରୁଥିଲେ। ପ୍ରତ୍ୟେକ ମାସରେ ଥରେ ତାଙ୍କ ପରିବାରର କାହାରିକୁ ହେଲେ ବି ମା'ଙ୍କ ନିକଟକୁ ଯିବାକୁ ଅନୁମତି ମିଳୁଥିଲା।

ଏକଦା ନିତ୍ୟାନନ୍ଦ ମଉସା ତିର୍ତ୍ତୋଲରୁ ଏମ.ଏଲ୍.ଏ. ହୋଇଥିଲେ। ମାତ୍ର ସେ ସବୁ

ତାଙ୍କର ଦୈନନ୍ଦିନ ଜୀବନରେ କିଛି ବି ପ୍ରଭାବ ପକାଉନଥିଲା। ପ୍ରତ୍ୟେକ ବର୍ଷ ଏପ୍ରିଲ ସମ୍ମିଳନୀର ପ୍ରଥମ ସନ୍ଧ୍ୟାରେ ଉଦ୍‌ଘାଟନ ଉତ୍ସବରେ ସେ ସମସ୍ତଙ୍କୁ ସ୍ୱାଗତ କରୁଥିଲେ। କହିବା ବାହୁଲ୍ୟ ଘରର ପ୍ରକୃତ ମୁରବୀ ହିଁ ସମସ୍ତଙ୍କୁ ସ୍ୱାଗତ କଲାଭଳି ଲାଗୁଥିଲା। ଚଳିତ ବର୍ଷ ପ୍ରଥମ କରି ନିତ୍ୟାନନ୍ଦ ମଉସାଙ୍କର ଅନୁପସ୍ଥିତିରେ ଏପ୍ରିଲ ସମ୍ମିଳନୀ ଆରମ୍ଭ ହେବ।

ମଉସାଙ୍କର ସବୁଠାରୁ ସକାରାତ୍ମକ ଗୁଣ ଥିଲା ସେ ତାରୁଣ୍ୟକୁ ଖୁବ୍ ଭଲ ପାଉଥିଲେ। ସବୁବେଳେ ନିଜେ ତରୁଣ ରହିବାକୁ ଚେଷ୍ଟା କରୁଥିଲେ। ପୋଷାକ ପତ୍ରରେ ଖୁବ୍ ସ୍ମାର୍ଟ ଥିଲେ। ଆମଠାରୁ ମଧ୍ୟ ଅଧିକ ତରୁଣ ଲାଗୁଥିଲେ। ସେଥିପାଇଁ କେହିବି ତାଙ୍କର ବୟସ ହିସାବ କରି କହିପାରୁ ନଥିଲେ। ଶେଷ ଆଡ଼କୁ ଚାଲିବାରେ ସାମାନ୍ୟ ସମସ୍ୟା ହେଲେ ମଧ୍ୟ ସେ କେବେବି ନିଜର ଆଚରଣରେ ପ୍ରକାଶ କରୁନଥିଲେ।

ମଉସାଥିଲେ ମାତୃଭବନ ଟ୍ରଷ୍ଟର ଜଣେ ପୁରୁଖା ଟ୍ରଷ୍ଟି। ସବୁଠାରୁ ବୟସ୍କ। ବର୍ଷରେ ଆମର ଦୁଇଥର ଟ୍ରଷ୍ଟ ମିଟିଂ ବସେ। ଆଉ ମଉସା ସବୁବେଳେ ଆଗରେ ଆସି ପହଞ୍ଚି ଯାଆନ୍ତି। ମିଟିଂରେ ମଧ୍ୟ ସେ ଜଣେ ସକ୍ରୀୟ ଆଲୋଚକ ଭାବରେ ଭାଗ ନିଅନ୍ତି।

ମଉସା ପରିଣତ ବୟସରେ ପହଞ୍ଚି ସାରିଥିଲେ। ସାମାଜିକ କର୍ମ ଦୃଷ୍ଟିରୁ ସେ ଅନେକଙ୍କ ପାଇଁ ବିଶେଷ କରି ତାଙ୍କ ଗ୍ରାମପାଇଁ ଅନେକ କିଛି କରିଯାଇଛନ୍ତି। ତାଙ୍କର ଜୀବନ ଏକ ଅତ୍ୟନ୍ତ ସଫଳ ଜୀବନ ଥିଲା। ସେଥିପାଇଁ ସେ କେବେହେଲେ ବିଷାଦଗ୍ରସ୍ତ ହେଉ ନଥିଲେ। ସବୁବେଳେ ତାଙ୍କ ମୁହଁରେ ଆନନ୍ଦହିଁ ରହୁଥିଲା।

ମନେହୁଏ ତାଙ୍କର ପିତା ଆଗରୁ ଜାଣିଥିଲେ କି କଣ ସେଥିପାଇଁ ତାଙ୍କର ନାମ ନିତ୍ୟାନନ୍ଦ ରଖିଥିଲେ !

ମଉସା- ଆମେ ଆପଣଙ୍କ ନିକଟରେ କୃତଜ୍ଞ। ଅନେକ କୃତଜ୍ଞ। ଆପଣ ଆମ ସହିତ ରହି ଓଡ଼ିଶାରେ ମାତୃକର୍ମକୁ -ମାତୃଭବନ ମାଧ୍ୟମରେ ଅଗ୍ରଗତି କରାଇନେବାରେ ଅନେକ ପ୍ରେରଣା ଦେଇଛନ୍ତି। ଆପଣଙ୍କ ସେହି ଆନନ୍ଦର ମୁଖମଣ୍ଡଳ ଆମକୁ ସବୁବେଳେ ଅତି ପ୍ରେରଣା ଦେଇ ଆସିଛି- ଏବେବି ଦେବ ଏବଂ ଭବିଷ୍ୟତରେ ମଧ୍ୟ ଦେଉଥିବ।

ଆପଣଙ୍କ ନିକଟରେ ଆମର କୃତଜ୍ଞତା ଜଣାଉଛି।

*ପ୍ରସାଦ ତ୍ରିପାଠୀ*

●

## ଶ୍ରୀ ପ୍ରପତ୍ତିଙ୍କ ରଚନା ସଙ୍କଳନ

ଶ୍ରୀ ପ୍ରପତ୍ତିଙ୍କ ଜନ୍ମ ଶତବାର୍ଷିକୀ ଆସନ୍ତା ୩୦ ଏପ୍ରିଲ ୨୦୨୨ ରୁ ୩୦ ଏପ୍ରିଲ ୨୦୨୩ ପର୍ଯ୍ୟନ୍ତ ପାଳନ କରାଯିବ। ଏହା ପୂର୍ବରୁ ତାଙ୍କ ରଚନାର ଏକ ସଙ୍କଳନ ପ୍ରକାଶ ପାଇବା ନିମନ୍ତେ ଚେଷ୍ଟା କରାଯାଉଛି। ଏହି ଉପଲକ୍ଷ୍ୟେ ଓଡ଼ିଶାର ସମସ୍ତ ଭାଇଭଉଣୀଙ୍କୁ ଅନୁରୋଧ ଶ୍ରୀ ପ୍ରପତ୍ତିଙ୍କ ଚିଠି ଏବଂ ଫଟୋ ଯଦି କାହା ନିକଟରେ ଥାଏ, ତେବେ ଚିଠିର ଜେରକ୍ସ ଏବଂ ଫଟୋକୁ ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ-୭୫୩୦୧୩ ଠିକଣାରେ ପଠାଇବେ।

# ଏପ୍ରିଲ ସମ୍ମିଳନୀ ପାଇଁ ପ୍ରସ୍ତୁତି

୪୮ ବର୍ଷ ଚାଲିଲା । କେତେଗୁଡ଼ିଏ କାମ ପୁରା ଗତରେ ପଡ଼ିଗଲାଣି । ଦୁଇମାସ ପୂର୍ବରୁ ସମସ୍ତ ବକ୍ତାଙ୍କୁ ସେମାନଙ୍କର ବିଷୟ ଏବଂ ସମୟ ଜଣାଇ ଦିଆଯାଏ । ଫେବୃୟାରୀ ୨୧ ତାରିଖ ଦିନଠାରୁ ମାତୃଭବନର ରସିଦ୍ ବହି ବଣ୍ଟା ଆରମ୍ଭ ହୁଏ । ତା'ପୂର୍ବରୁ ଡାକରେ ଗୋଟିଏ ନିବେଦନ ପତ୍ର ସହିତ ଓଡ଼ିଶାର ବିଭିନ୍ନ ସ୍ଥାନକୁ ଗୋଟିଏ କରି ରସିଦ ବହି ପଠାଯାଇଥାଏ । ତା'ର କିଛିଦିନ ପରେ ଅନ୍ତର୍ଦେଶୀୟ ପତ୍ର ମାଧ୍ୟମରେ ସମସ୍ତଙ୍କୁ ସମ୍ମିଳନୀ ସମ୍ପର୍କରେ ଚିଠି ମାଧ୍ୟମରେ ଜଣାଇ ଦିଆଯାଏ । ମାତୃଭବନ ପତ୍ରରେ ମଧ୍ୟ ଜାନୁୟାରୀ, ଫେବୃୟାରୀ ଏବଂ ମାର୍ଚ୍ଚ ମାସରେ ଏଥି ସମ୍ପର୍କରେ ସୂଚନା ଦିଆଯାଇଥାଏ । ମାର୍ଚ୍ଚ ମାସର ପ୍ରଥମ ସପ୍ତାହରେ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇ ଛପା ହୋଇଥାଏ ଏବଂ ବଣ୍ଟା ଆରମ୍ଭ ହୁଏ । ଆଜିକାଲି ତ ବିଭିନ୍ନ Application ମାଧ୍ୟମରେ ମୋବାଇଲ ଜରୀଆରେ ସମସ୍ତଙ୍କ ପାଖରେ ପହଞ୍ଚିଯାଇ ପାରୁଛି ।

ମାର୍ଚ୍ଚ ପନ୍ଦର ତାରିଖରୁ ଡେକୋରେଟର ବାଉଁଶ ଗଦେଇବା ଆରମ୍ଭ କରନ୍ତି । ଆମ ଟେଲିଫୋନକୁ ଅପେକ୍ଷା ନଥାଏ । ରୋଷେୟା ନନା ମେନୁକୁ ଅପେକ୍ଷା ରଖିଥାଆନ୍ତି । ଡାଇନିଂ କମିଟି ମେନୁ ସିଦ୍ଧାନ୍ତ କଲେ ସେ ତାଙ୍କର ଆବଶ୍ୟକୀୟ ତାଲିକା ତିଆରି କରିଦିଅନ୍ତି । ମାର୍କେଟିଂ ଦାୟିତ୍ୱ ଯାହାର ସେ ମାଲଗୋଦାମରୁ ସଉଦା ମଗାଇଆଣନ୍ତି । ଛତ୍ରବଜାର ପରିବା ଦୋକାନୀମାନେ ମଧ୍ୟ ଏଇ ତାରିଖକୁ ଅପେକ୍ଷା ରଖିଥାଆନ୍ତି । ସେମାନେ ଆବଶ୍ୟକ ମୁତାବକ ପରିବା ପଠାଇଦିଅନ୍ତି । ଯେତେ ଗ୍ୟାସ ହେଲେ ମଧ୍ୟ ସମ୍ମିଳନୀ ବେଳେ ଝାଉଁକାଠର ଆବଶ୍ୟକତା ପଡ଼େ । ତେଣୁ କାଠଗୋଲା ମଧ୍ୟ ଠିକ୍ ସମୟରେ ଫୋନ୍ କରି କେତେ କାଠ ପଠାଇବେ ପଚାରନ୍ତି ।

ଏ ସବୁ ତ ଯେ କୌଣସି ସାମାଜିକ କାର୍ଯ୍ୟକ୍ରମରେ ମଧ୍ୟ କରାଯାଏ । ଖାଲି ସେତିକି ନୁହେଁ- ୪୮ବର୍ଷ ଧରି ଚାଲୁଥିବା ଦୃଷ୍ଟିରୁ ଏହାକୁ ଆଦୌ କଷ୍ଟବୋଲି କହିହେବ ନାହିଁ । ମାତ୍ର ଏହା କ'ଣ ଅସଲ ପ୍ରସ୍ତୁତି ?

ଆମର ଅସଲ ପ୍ରସ୍ତୁତି ଆମ ଅନ୍ତର । ସେଠାରେ ଆମେ ଯେଉଁଠାରେ ଥିଲୁ ଏବେ ଠିକ୍ ସେଇଠାରେ ଅଛୁ ନାଁ କିଛି ଅଗ୍ରଗତି କରୁଛୁ । ଆମ ସମ୍ମିଳନୀ ଆମକୁ ସାମୁହିକ ଭାବରେ ଏବଂ ବ୍ୟକ୍ତିଗତ ଭାବରେ ସାଧନା କରିବାକୁ ନିଶ୍ଚୟ ଯଥେଷ୍ଟ ପ୍ରେରଣା ଦେବ ।

ସେଥିପାଇଁ ଆମର ଉଦ୍ୟମ ବେଶୀ ଆନ୍ତରିକ ଏବଂ ଆସ୍ପୃହାବନ୍ତ ହେବା ଆବଶ୍ୟକ । ବାହାରର ପରିପୂର୍ଣ୍ଣତା ପାଇଁ ଭିତର ପରିପୂର୍ଣ୍ଣତା ଯେ ଏକାନ୍ତ ଅପରିହାର୍ଯ୍ୟ ଏହାର ନିଃସନ୍ଦେହ ଅନୁଭବ ଆସିବା ଦରକାର ।

*ପ୍ରସାଦ ତ୍ରିପାଠୀ*

●

# ସଙ୍ଗଠନ ସମାଚାର

## ସମର୍ପଣ ମଣ୍ଡଳ

**କୋରାପୁଟଃ-** ୧୦.୨.୧୮ରେ ନୂଆଗାଁସ୍ଥିତ ହରିଜନ ପଲ୍ଲୀଠାରେ ଏକ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର କୃତିବେଶ ଭୂମିୟାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଯୋଗ ଓ ଜୀବନ" ସମ୍ପର୍କରେ ନୀଳମାଧବ ମିଶ୍ର, ଗୀତାଞ୍ଜଳି ବେହେରା, ଶୁଭଶ୍ରୀ ସମ୍ପଦା ମିଶ୍ର, ବବିତା ସାବତ୍, ବବିତା ଦୋରା ଓ ପ୍ରକାଶ ଚନ୍ଦ୍ର ମାଳି ଆଲୋଚନା କରିଥିଲେ ।... ୧୪.୨.୧୮ରେ ବୋରିଗୁମ୍ମା ଶାନ୍ତି ନଗରରେ ଲବ ବିଶୋୟୀ ଓ ଲାଲିବତୀଙ୍କ ବାସଭବନରେ ଏକ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଚୈତ୍ୟସତ୍ତା ସହ ସମ୍ପର୍କ" ସମ୍ବନ୍ଧରେ ନୀଳମାଧବ ମିଶ୍ର, ଗୀତାଞ୍ଜଳୀ ବେହେରା, ବବିତାରାଣୀ ଦୋରା, ବବିତା ସାବତ ଓ ଏ. ଭାରତୀ ଆଲୋଚନା କରିଥିଲେ ।... ୨୭.୨.୧୮ରେ ବାରେଣୀପୁଟ ପ୍ରୋଜେକ୍ଟ କଲୋନୀସ୍ଥିତ ପୁଲକ ରାଉଳଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଆନ୍ତରିକ ନିଷ୍ଠା ଓ ବିଶ୍ୱାସ" ସମ୍ପର୍କରେ ନୀଳମାଧବ ମିଶ୍ର, ସଚିଦାନନ୍ଦ ସାମନ୍ତରାୟ, ଶୁଭଶ୍ରୀ ସମ୍ପଦା ମିଶ୍ର ଓ ସୁଲତା ପଣ୍ଡିତ ଆଲୋଚନା କରିଥିଲେ ।

## ଆସ୍ଥା ମଣ୍ଡଳ

**ଭଦ୍ରକଃ-** ୧୮.୨.୧୮ରେ କୋଡବରୁଆଁସ୍ଥିତ ଉଦୟନାଥ ଦାଶଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବରେ ଅନନ୍ତ ମହାନ୍ତି, ସୁମନ୍ତ ଚକ୍ର ଓ ଭକ୍ତହରି ରଥ "ଧନ ଅର୍ଜନ ଧର୍ମ କରି" ସମ୍ପର୍କରେ ଆଲୋଚନା କରିଥିଲେ ।... ୨୧.୨.୧୮ରେ ମାତୃପଲ୍ଲୀ, ଚରମ୍ପାଠାରେ ଶ୍ରୀଅରବିନ୍ଦ ପାଠଚକ୍ରରେ "ପୂର୍ଣ୍ଣଯୋଗରେ ପ୍ରେମ, ଭକ୍ତି ଓ କର୍ମ କଣ" ସମ୍ପର୍କରେ କଳ୍ପନା ମହାନ୍ତି ଓ ଭକ୍ତହରି ରଥ ଆଲୋଚନା କରିଥିଲେ ।... ୨୧.୨.୧୮ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବନ୍ଧାଲୋଠାରେ ଦିବ୍ୟଜନନୀ ଶ୍ରୀମା'ଙ୍କ ପବିତ୍ର ଜନ୍ମଦିବସ ପାଳିତ ହୋଇଯାଇଛି ।... ୨୧.୨.୧୮ରେ ଖପୁରୀଆପଦାସ୍ଥିତ ହୃଷିକେଶ ମିଶ୍ରଙ୍କ ବାସଭବନରେ ଦିବ୍ୟଜନନୀ ଶ୍ରୀମା'ଙ୍କ ପବିତ୍ର ଜନ୍ମଦିବସ ପାଳିତ ହୋଇଯାଇଛି ।... ୨୧.୨.୧୮ରେ ଖପୁରୀଆପଦାସ୍ଥିତ ମନୋରଞ୍ଜନ ଜେନାଙ୍କ ବାସଭବନରେ ପରମାଜନନୀ ଶ୍ରୀମା'ଙ୍କ ଜନ୍ମଦିବସରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଶ୍ରୀମା'ଙ୍କ ଜୀବନୀ" ଓ "ଅନ୍ତରରେ ଦିବ୍ୟ ଉପସ୍ଥିତି" ସମ୍ପର୍କରେ ହୃଷିକେଶ ମିଶ୍ର ଓ ବିନେନ୍ଦ୍ର ମହାନ୍ତି ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସ୍ମିତାଞ୍ଜଳି ଓ ରାମଚନ୍ଦ୍ର ଦାଶ ଅଂଶଗ୍ରହଣ କରିଥିଲେ ।

**ବାଲେଶ୍ୱରଃ-** ୧୬.୧୨.୧୭ରେ ପଥରପୁରାସ୍ଥ କାଳୀପଦ ମହାନ୍ତିଙ୍କ ବାସଭବନରେ ମୀରାରବିନ୍ଦ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭାରତୀ ପ୍ରଧାନ,

ଧୀରେନ୍ଦ୍ର ପ୍ରଧାନ, ଅଞ୍ଜୁ କର ଓ କଲ୍ୟାଣୀ ପ୍ରଧାନ ଅଂଶଗ୍ରହଣ କରିଥିଲେ।... ୧୭.୧୨.୧୭ରେ ରାଇବଣିଆସ୍ଥିତ ଗଣପତି ଶୁକ୍ଳାଙ୍କ ବାସଭବନରେ ମାତୃପୀୟୁଷ ଶ୍ରୀଅରବିନ୍ଦ ପାଠଚକ୍ରର ଷଷ୍ଠ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦ ପାଠଚକ୍ର କ'ଣ, କାହିଁକି ?" ସମ୍ପର୍କରେ ଧୀରେନ୍ଦ୍ର ପ୍ରଧାନ, ଚନ୍ଦନ ବେହେରା ଅଂଶଗ୍ରହଣ କରିଥିଲେ।... ୧୭.୧୨.୧୭ରେ ନାମ୍ପୋସ୍ଥିତ ଗୋପାଳ ଚନ୍ଦ୍ର ଦତ୍ତଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୌରୀବାଳା ଜେନା ଓ ଦେବପ୍ରସାଦ ଜେନା ଅଂଶଗ୍ରହଣ କରିଥିଲେ।... ୨୯.୧୨.୧୭ରେ ସମ୍ପତ୍ତିଆସ୍ଥିତ ଡା.କାଳୀଚରଣ ଶତପଥୀଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ମାତୃଉପାସନା ଶ୍ରୀଅରବିନ୍ଦ ପାଠଚକ୍ରର ଦ୍ୱିତୀୟ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ମାତୃକୃପା" ସମ୍ପର୍କରେ ସୁବାସ କର, କଳ୍ପତରୁ ପାତ୍ର, ଲମ୍ବୋଦର ଦେ ଓ ସଞ୍ଜୁକ୍ତା ପ୍ରଧାନ ଆଲୋଚନା କରିଥିଲେ।... ୩୦.୧୨.୧୭ରେ ଗହୀରାବନ୍ଧସ୍ଥିତ ଶୁଭ୍ରାଂଶୁ ଶେଖର ଦାସଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧୀରେନ୍ଦ୍ର ପ୍ରଧାନ ଓ ଚନ୍ଦନ ବେହେରା "କୃତଜ୍ଞତା" ସମ୍ପର୍କରେ ଆଲୋଚନା କରିଥିଲେ।... ୩୧.୧୨.୧୭ରେ ଗୋବରଘାଟାସ୍ଥିତ ପ୍ରଶାନ୍ତ ଦାସଙ୍କ ବାସଭବନରେ ମାତୃପୂଜା ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଞ୍ଜୁଲତା ଦାସ ଓ ଧୀରେନ୍ଦ୍ର ଦାସ ଅଂଶଗ୍ରହଣ କରିଥିଲେ।... ୧.୧.୧୮ରେ କାଳିକସ୍ଥିତ ମାଳତୀ ଦାସଙ୍କ ବାସଭବନରେ ଆନନ୍ଦମୟୀ ଶ୍ରୀଅରବିନ୍ଦ ପାଠଚକ୍ରର ୫ମ ବାର୍ଷକୋତ୍ସବ ଧୀରେନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "କୃତଜ୍ଞତା" ସମ୍ପର୍କରେ ସଞ୍ଜୁକ୍ତା ସେନାପତି, ଲକ୍ଷ୍ମଣ ସେନାପତି, ଲକ୍ଷ୍ମୀ ମାଝୀ ଓ ପ୍ରତାପ ଦାସ ଆଲୋଚନା କରିଥିଲେ।... ୪.୧.୧୮ରେ ନାମ୍ପୋସ୍ଥିତ ସୁରେନ୍ଦ୍ର କରଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ମା'ଆ ଆସିଛନ୍ତି ଆମ ଧରାଧାମକୁ" ସମ୍ପର୍କରେ କୀର୍ତ୍ତନ ବିହାରୀ ବ୍ରହ୍ମ, ଅନନ୍ତ କୁମାର ମହାନ୍ତି ଓ ଧୀରେନ୍ଦ୍ର ପ୍ରଧାନ ଆଲୋଚନା କରିଥିଲେ।... ୫.୧.୧୮ରେ ମେଦିନୀପୁରସ୍ଥିତ ପ୍ରଭାକର ବେହେରାଙ୍କ ବାସଭବନରେ କୃପାମୟୀ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ମା'ଙ୍କର ଦିବ୍ୟପ୍ରେମ" ସମ୍ପର୍କରେ କୀର୍ତ୍ତନ ବିହାରୀ ବ୍ରହ୍ମ, ଅର୍ଚ୍ଚନା ସାମଲ ଓ ଧୀରେନ୍ଦ୍ର ପ୍ରଧାନ ଆଲୋଚନା କରିଥିଲେ।... ୬.୧.୧୮ରେ ଗ୍ୱାଲନ୍ତିସ୍ଥିତ ଚିତ୍ତରଞ୍ଜନ ଦେଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ମା'ଙ୍କ କରୁଣା" ସମ୍ପର୍କରେ ବିକାଶ ରଞ୍ଜନ ପ୍ରଧାନ, ବିପିନ ବିହାରୀ ବିଶ୍ୱାଳ ଓ ଧୀରେନ୍ଦ୍ର ପ୍ରଧାନ ଆଲୋଚନା କରିଥିଲେ।... ୯.୧.୧୮ରେ ସେଖବାଡସ୍ଥିତ ଗୋପବନ୍ଧୁ

ଶିକ୍ଷାସଦନରେ ଶ୍ରୀଅରବିନ୍ଦ ବାର୍ଷିକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅନାଦି ଚରଣ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ସେନାପତି ଓ ସଞ୍ଜୁକ୍ତା ପ୍ରଧାନ ଅଂଶଗ୍ରହଣ କରିଥିଲେ ।

### ନିଷ୍ଠା ମଣ୍ଡଳ

**ନୟାଗଡ:-** ୧୧.୨.୧୮ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ନୟାପଡାଠାରେ ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ କଳା ପରିଷଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।... ୧.୩.୧୮ରେ ବ୍ରଜବାଳାପୁରସ୍ଥିତ ସରୋଜିନୀ କରଙ୍କ ବାସଭବନରେ ରଶ୍ମିତା କରଙ୍କ ଜନ୍ମଦିବସରେ ଶ୍ରୀଅରବିନ୍ଦ ପାଠଚକ୍ରର ୨ୟ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଜନ୍ମଦିବସର ତାତ୍ପର୍ଯ୍ୟ" ସମ୍ପର୍କରେ ସନାତନ ଲେଙ୍କା ଆଲୋଚନା କରିଥିଲେ ।

### ଆସ୍ପୃହା ମଣ୍ଡଳ

**ଗଞ୍ଜାମ:-** ୧.୨.୧୮ରେ ଉତ୍ସାପଡାସ୍ଥିତ ନୀତା ଭଞ୍ଜଙ୍କ ବାସଭବନରେ ଏକ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଶ୍ରୀଅରବିନ୍ଦଙ୍କ ଯୋଗ- ପୂର୍ଣ୍ଣଯୋଗ", "ଅତିମାନସର କ୍ରିୟା" ଓ "ହେବ ସାହସୀ" ସମ୍ପର୍କରେ କୀର୍ତ୍ତନ ପ୍ରଧାନ, ସନ୍ତୋଷ କୁମାର ବେହେରା ଓ ସୁବାଷ ଚନ୍ଦ୍ର ସାହୁ ଆଲୋଚନା କରିଥିଲେ ।... ୫.୨.୧୮ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବୁଗୁଡାର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି । ଏଥିରେ ପ୍ରଭାତ କୁମାର ଦାସ, ସୁବାଷ ଚନ୍ଦ୍ର ସାହୁ ଓ ବନମାଳୀ ମହାରଣା "ଶିକ୍ଷାକେନ୍ଦ୍ରର ଆଭିମୁଖ୍ୟ", "ଶ୍ରୀଅରବିନ୍ଦଙ୍କ ଯୋଗ ଓ ଜୀବନ" ଓ "ଆଦର୍ଶ ଶିଶୁ" ସମ୍ପର୍କରେ ଆଲୋଚନା କରିଥିଲେ ।... ୬.୨.୧୮ରେ ପୋଲସରାସ୍ଥିତ ସନ୍ତୋଷ କୁମାର ବେହେରାଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ୫ମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ କୀର୍ତ୍ତନ ପ୍ରଧାନ, ସନ୍ତୋଷ କୁମାର ବେହେରା, ସୌଦାମିନି ଓ ସୁବାସ ଚନ୍ଦ୍ର ସାହୁ "ପାରିବାରିକ ଜୀବନରେ ଶ୍ରୀଅରବିନ୍ଦ ପାଠଚକ୍ରର ଭୂମିକା", "ସମର୍ପଣ: ତାମସିକ ଓ ଜୀବନ୍ତ ସତ୍ତାର", "ଚୈତ୍ୟ ସତ୍ତାର ଆବିଷ୍କାର" ଓ "ପାଠଚକ୍ର ଓ ରୂପାନ୍ତର" ସମ୍ପର୍କରେ ଆଲୋଚନା କରିଥିଲେ ।... ୯.୨.୧୮ରେ ଉତ୍ସାପଡାସ୍ଥିତ ବିଜୟ ପ୍ରଧାନଙ୍କ ବାସଭବନରେ ଏକ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ କୀର୍ତ୍ତନ ପ୍ରଧାନ, ସନ୍ତୋଷ କୁମାର ବେହେରା, ରଞ୍ଜିତା ସାହୁ ଓ ସୁବାସ ଚନ୍ଦ୍ର ସାହୁ "ଶ୍ରୀଅରବିନ୍ଦ ପାଠଚକ୍ର କ'ଣ ଓ କାହିଁକି ?", "ଶ୍ରୀମା'ଙ୍କ ସଂକ୍ଷିପ୍ତ ଜୀବନୀ, "ଶ୍ରୀଅରବିନ୍ଦଙ୍କ ଯୋଗ" ଓ "ଶ୍ରୀଅରବିନ୍ଦଙ୍କ ଜୀବନୀ" ସମ୍ପର୍କରେ ଆଲୋଚନା କରିଥିଲେ ।... ଫେବୃୟାରୀ ୧୬, ୧୮, ୧୯, ୨୦ ଓ ୨୧ରିଖରେ କନ୍ଦିଆ, ଗୋବା ଗାଁ, ଜିରାବଡି, ଗୋଲାଦାମୋଦରପଲ୍ଲୀ, କବିସୁର୍ଯ୍ୟନଗର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଓ ପୋଲସରାଠରେ ସି.ଏଚ. ନିରାକାରଙ୍କ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।... ୧.୩.୧୮ରେ ଉତ୍ସାପଡାସ୍ଥିତ ଶିବରାମ ସ୍ୱାଇଁଙ୍କ

ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ପ୍ରଥମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ କୀର୍ତ୍ତନ ପ୍ରଧାନ "ଶ୍ରୀଅରବିନ୍ଦଙ୍କ ଯୋଗ ଓ ସମର୍ପଣ", ସନ୍ତୋଷ କୁମାର ବେହେରା "ଶ୍ରୀମା'ଙ୍କ ପିଲାଦିନର କାହାଣୀ" ଓ ସୁବାସ ଚନ୍ଦ୍ର ସାହୁ "ନାମଜପର ମାହାତ୍ମ୍ୟ" ସମ୍ପର୍କରେ ଆଲୋଚନା କରିଥିଲେ ।... ୨.୩.୧୮ରେ ଉତ୍ସପଡାସ୍ଥିତ ଗନ୍ତେଇ ସ୍ୱାଇଁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ୧ମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଚିରନ୍ତନୀ ପୁସ୍ତକର "ଖୁବ୍ ଛୋଟ ସାପଟିଏ" ଓ "ସମର୍ପଣର ସହଜ ମାର୍ଗ" ସମ୍ପର୍କରେ କୀର୍ତ୍ତନ ପ୍ରଧାନ ଓ ସନ୍ତୋଷ କୁମାର ବେହେରା ଆଲୋଚନା କରିଥିଲେ ।

**ସତ୍ୟ ମଣ୍ଡଳ**

**କଟକ:** ୨୮.୧.୧୮ରେ ସମସରପୁରଠାରେ ଶ୍ରୀଅରବିନ୍ଦ ଦିବ୍ୟଜ୍ୟୋତି ପାଠଚକ୍ରର ବାର୍ଷିକୋତ୍ସବ ଅଶୋକ କୁମାର ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦୁର୍ଗାଚରଣ ନାୟକ, ନିରଞ୍ଜନ ସେଣ୍ଠ, ହରିହରି ମଲ୍ଲିକ, ଅନ୍ନପୂର୍ଣ୍ଣା ରାଉତ ଓ ଲକ୍ଷ୍ମୀପ୍ରିୟା ରାଉତ ଅଂଶଗ୍ରହଣ କିରଥିଲେ ।... ୨.୨.୧୮ରେ ଶ୍ରୀଅରବିନ୍ଦ ଯୋଗ ମନ୍ଦିର, କଳପଡାଠାରେ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ପ୍ରତିଷ୍ଠାର ୩୧ତମ ବାର୍ଷିକୋତ୍ସବ ପ୍ରସାଦ ତ୍ରିପାଠୀଙ୍କ ପୌରୋହତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଦିବସର ତାତ୍ପର୍ଯ୍ୟ" ସମ୍ପର୍କରେ ପ୍ରେମାନନ୍ଦ ସ୍ୱାଇଁ ଓ "ଜୀବନକୁ କିପରି ମଧୁମୟ କରିବା" ସମ୍ପର୍କରେ ସନ୍ଧ୍ୟା ମହାନ୍ତି, ପଦ୍ମଲୋଚନ ପୋଥାଳ, କୃଷ୍ଣଚନ୍ଦ୍ର ନନ୍ଦଶର୍ମା ଓ ଗଦାଧର ମିଶ୍ର ଆଲୋଚନା କରିଥିଲେ ।...୪.୨.୧୮ରେ ସବଳ କୁମାର ଜେନାଙ୍କ ଆୟୋଜନରେ ଶ୍ରୀଅରବିନ୍ଦ ପାଠଚକ୍ରର ଏକବିଂଶତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଆନ୍ତର ଚେତନାର ଜାଗରଣରେ ହିଁ ନିହିତ ଅଛି ଜୀବନର ଯଥାର୍ଥ ମୂଲ୍ୟବୋଧ" ସମ୍ପର୍କରେ ମହେନ୍ଦ୍ରନାଥ ସ୍ୱାଇଁ, ଡ.ବିଜୟ କୁମାର ପାତ୍ର, ରାଧାଚରଣ ପରିଡା ଓ ରବୀନ୍ଦ୍ର କୁମାର ପାତ୍ର ଆଲୋଚନା କରିଥିଲେ । ...୧୩.୨.୧୮ରେ ଶ୍ରୀଅରବିନ୍ଦ ଧ୍ୟାନ ମନ୍ଦିର, ମଞ୍ଜୁରାଇଠାରେ ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ପ୍ରତିଷ୍ଠାର ଊନବିଂଶତମ ବାର୍ଷିକୋତ୍ସବ ଜ୍ଞାନେନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଶ୍ରୀଅରବିନ୍ଦଙ୍କ ନିତ୍ୟ ସହାୟତା" ସମ୍ପର୍କରେ କୀର୍ତ୍ତନ ବିହାରୀ ବ୍ରହ୍ମ, ମହେନ୍ଦ୍ର କୁମାର ସ୍ୱାଇଁ, ଯଦୁନନ୍ଦନ ସାମଲ, କୃଷ୍ଣଚନ୍ଦ୍ର ଘଡେଇ, ଭାରତଭୂଷଣ ମହାନ୍ତି, କୈବଲ୍ୟ ଜେନା, ଗୋକୁଳାନନ୍ଦ ପାତ୍ର ଓ ନିରଞ୍ଜନ ବେହେରା ଆଲୋଚନା କରିଥିଲେ ।... ୧୭.୨.୧୮ରେ ଦଧିବାମନପୁରସ୍ଥିତ ଜ୍ୟୋତ୍ସ୍ନାରାଣୀ ଦାଶଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଞ୍ଜୟ କୁମାର ମହାପାତ୍ର, କାଳନ୍ଦୀଚରଣ ସେନାପତି, ଡ.ପ୍ରଶାନ୍ତ କୁମାର ନନ୍ଦ ଓ ଶଙ୍କର୍ଷଣ ସେନାପତି "ସାବିତ୍ରୀ" ଅଧ୍ୟୟନ କରିଥିଲେ । ଏଥିରେ ନିକୁଞ୍ଜ ବିହାରୀ ମହାନ୍ତି ସହଯୋଗ କରିଥିଲେ ।... ୧୮.୨.୧୮ରେ ଭାରଗୋଳଠାରେ ବିଜୟ କୁମାର ପତିଙ୍କ ଆୟୋଜନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରେମାନନ୍ଦ ସ୍ୱାଇଁ,

କୈବଲ୍ୟ ଜେନା ଓ ନିକୁଞ୍ଜ ବିହାରୀ ମହାନ୍ତି ଅଂଶଗ୍ରହଣ କରିଥିଲେ।... ୨୧.୨.୧୮ରେ ବେଣ୍ଟକାରଠାରେ ଶ୍ରୀମା'ଙ୍କ ପବିତ୍ର ଜନ୍ମଦିବସ କୈଳାସ ଚନ୍ଦ୍ର ଦାସ ଓ ଶୋଭାବତୀ ସାମଲଙ୍କ ଆୟୋଜନରେ ଏକ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ କାଳନ୍ଦୀଚରଣ ସେନାପତି ଓ ନିକୁଞ୍ଜ ବିହାରୀ ମହାନ୍ତି ଅଂଶଗ୍ରହଣ କରିଥିଲେ।... ୨୧.୨.୧୮ରେ ବେଣ୍ଟକାରସ୍ଥିତ ସ୍ୱର୍ଣ୍ଣଶିଖା ସଂସଦ ଆନୁକୂଲ୍ୟରେ ଶ୍ରୀମା'ଙ୍କ ଜନ୍ମଦିବସ ନାରାୟଣ ଚନ୍ଦ୍ର ଶତପଥିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶୁଭାଶିଷ ଶତପଥି ଅଂଶଗ୍ରହଣ କରିଥିଲେ।... ୨୧.୨.୧୮ରେ ବାଙ୍କୀସ୍ଥିତ ପ୍ରଶାନ୍ତ ହରିହର ଭେଟଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବରେ କୌଶିକ ନାୟକ "ଦିବ୍ୟଜନନୀ ଶ୍ରୀମା"ଙ୍କ ସମ୍ପର୍କରେ କରାଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମହେନ୍ଦ୍ର କୁମାର ପରିଡା, ଅପର୍ତ୍ତୀ ଚରଣ ମନ୍ତ୍ରୀ, ଚନ୍ଦନ ସୁବୁଦ୍ଧି ଅଂଶଗ୍ରହଣ କରିଥିଲେ।

**କେନ୍ଦ୍ରାପଡା**–୧୩.୧.୧୮ରେ ବାଲିସାହିସ୍ଥିତ ପ୍ରହ୍ଲାଦ ମହାନ୍ତିଙ୍କ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବକୁ ସର୍ବେଶ୍ୱର ମହାପାତ୍ର ଓ ଅନ୍ତର୍ଯ୍ୟାମୀ ପ୍ରଧାନ ପରିଚାଳନା କରିଥିଲେ।... ୧୪.୧.୧୮ରେ ମଲ୍ଲିକେଶପୁରସ୍ଥିତ ଅଜୟ ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବରେ "ଜୀବନର ଲକ୍ଷ୍ୟ" ସମ୍ପର୍କରେ ଶୁକଦେବ ସାମଲ, ସନ୍ତୋଷ କୁମାର ନାୟକ, ନୟନା ବେହେରା, ଊର୍ମିଳା ରାଉତ ଓ ଜଗବନ୍ଧୁ ପ୍ରଧାନ ଆଲୋଚନା କରିଥିଲେ।... ୧୪.୧.୧୮ରେ ଅନ୍ତେଇଠାରେ କୁଜଙ୍ଗ ୟୁନିଟ୍‌ର ମିଳିତ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୟକୃଷ୍ଣ ସ୍ୱାଇଁ, ମନ୍ଦାକିନୀ ଦାସ, ମାଗୁଣି ଚରଣ ଦାଶ ଓ ପିତାମ୍ବର ମଲ୍ଲ "ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ" ପୁସ୍ତକରୁ ପାଠ କରି ଆଲୋଚନା କରିଥିଲେ।... ଜାନୁୟାରୀ ୧୫ ରୁ ୧୯ ପର୍ଯ୍ୟନ୍ତ ଡେରାବିଶ ବ୍ଲକର ଓଳକଣା, ଆଳି ବ୍ଲକର ସାନମଙ୍ଗର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଘୋଡ଼ାଦଣ୍ଡା, ଓଳାଭରର ନୋଡାଲ ହାଇସ୍କୁଲ ଓ ପୁରୁଷୋତ୍ତମପୁରଠାରେ ସି.ଏଚ୍.ନିରାକାରଙ୍କର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୟନା ବେହେରା ଓ ଭଗବତୀ ପ୍ରସାଦ ଦାସ ସହଯୋଗ କରିଥିଲେ।... ୧୭.୧.୧୮ରେ ମହନଙ୍ଗଳାସ୍ଥିତ ଫକୀର ସାହୁଙ୍କର ମାଙ୍କର ୧ମ ଶ୍ରାଦ୍ଧ ବାର୍ଷିକୋତ୍ସବରେ ଶ୍ରୀଅରବିନ୍ଦ ପାଠଚକ୍ର ଜଗନମୋହନ ସ୍ୱାଇଁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାସୁଦେବ ନାୟକ, ଜୟକୃଷ୍ଣ ସ୍ୱାଇଁ, ଅଭୟ କୁମାର ମହାପାତ୍ର, ଭିକାରୀ ଚରଣ ରାଉତ ଓ ରବୀନ୍ଦ୍ରନାଥ ସୁତାର ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସର୍ବେଶ୍ୱର ମହାପାତ୍ର ଅଂଶଗ୍ରହଣ କରିଥିଲେ।... ୨୧.୧.୧୮ରେ ମାର୍ଶାଘାଇସ୍ଥିତ ବିଚିତ୍ରାନନ୍ଦ ସ୍ୱାଇଁଙ୍କ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଜୀବନର ଲକ୍ଷ୍ୟ" ସମ୍ପର୍କରେ ଜଗନମୋହନ ସ୍ୱାଇଁ, ଅବନ୍ତୀ ପରିଡା, ରସାନନ୍ଦ ସୁତାର ଓ ପିତାମ୍ବର

ମଲ୍ଲ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସର୍ବେଶ୍ୱର ମହାପାତ୍ର ଅଂଶଗ୍ରହଣ କରିଥିଲେ।... ୨୧.୧.୧୮ରେ ମଲ୍ଲିକାଶପୁରସ୍ଥିତ ଜଗବନ୍ଧୁ ପ୍ରଧାନଙ୍କ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବରେ "ମନ, ପ୍ରାଣ ଓ ଶରୀର ରୂପାନ୍ତର" ସମ୍ପର୍କରେ ଆଲୋଚନା କରିଥିଲେ।... ୨୨.୧.୧୮ରେ ଚନ୍ଦନକୁରସ୍ଥିତ କବିତା ପରିଡାଙ୍କ କୋଚିଂ ସେଣ୍ଟରରେ ଶ୍ରୀଅରବିନ୍ଦ ପାଠଚକ୍ର ସର୍ବେଶ୍ୱର ମହାପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଆଜି ଦିନର ତାତ୍ପର୍ଯ୍ୟ" ଓ "ଶ୍ରୀଅରବିନ୍ଦ ପାଠଚକ୍ରର ଆବଶ୍ୟକତା" ସମ୍ପର୍କରେ ଅନ୍ତର୍ଯ୍ୟାମୀ ପ୍ରଧାନ, ବିଚିତ୍ରାନନ୍ଦ ସ୍ୱାଇଁ ଓ ଜନ୍ମେଜୟ ପ୍ରଧାନ ଆଲୋଚନା କରିଥିଲେ।... ୨୪.୧.୧୮ରେ ଘୋଡାଦଣ୍ଡାଠାରେ କଲ୍ୟାଣମୟୀ ପାଠଚକ୍ରର ବାର୍ଷିକୋତ୍ସବ ବଙ୍କିମ ଚନ୍ଦ୍ର ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ସାମ୍ପ୍ରତିକ ପରିସ୍ଥିତିରେ ଶ୍ରୀଅରବିନ୍ଦ ପାଠଚକ୍ର" ସମ୍ପର୍କରେ ମମତା ମହାନ୍ତି, ଗୋଲଖ ବିହାରୀ ଖୁଣ୍ଟିଆ ଓ ଅନୁପମା ତ୍ରିପାଠୀ ଆଲୋଚନା କରିଥିଲେ।... ୨୬.୧.୧୮ରେ ଝରମୁହାଁସ୍ଥିତ ବାସନ୍ତୀ ନାୟକ ଓ କାଳୀ ପ୍ରସାଦ ନାୟକଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୨୬.୧.୧୮ରେ କେନ୍ଦ୍ରାପଡାସ୍ଥିତ ରମାକାନ୍ତ ପଣ୍ଡାଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ୧୨ତମ ବାର୍ଷିକୋତ୍ସବ କୃଷ୍ଣଚନ୍ଦ୍ର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଦିବ୍ୟଜୀବନ" ସମ୍ପର୍କରେ ଦୁର୍ଗାଚରଣ ନାୟକ ଓ ବିପିନ ବିହାରୀ କର ଆଲୋଚନା କରିଥିଲେ।... ୨୬.୧.୧୮ରେ ମଲ୍ଲିକାଶପୁରସ୍ଥିତ ଶୈଳେନ୍ଦ୍ର ନାରାୟଣ ସାମଲଙ୍କ ଶ୍ରୀଅରବିନ୍ଦ ପାଠଚକ୍ରର ୫ମ ବାର୍ଷିକୋତ୍ସବରେ "ଧର୍ମ ଓ ଶ୍ରୀଅରବିନ୍ଦଙ୍କ ଯୋଗ" ସମ୍ପର୍କରେ ଆଲୋଚନା କରାଯାଇଥିଲା।... ୨୮.୧.୧୮ରେ ବନ୍ଧସାହିସ୍ଥିତ ଶୁକଦେବ ସାମଲଙ୍କ ମାତୃକୃପା ଭବନରେ କେନ୍ଦ୍ରାପଡା ୟୁନିଟ୍‌ର ମିଳିତ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।... ୨୯.୧.୧୮ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଚାନ୍ଦପଲାଠାରେ ନୂତନ ଗୃହ ପ୍ରବେଶରେ ଏକ ବିଶେଷ କାର୍ଯ୍ୟକ୍ରମରେ ପ୍ରସାଦ ତ୍ରିପାଠୀ ଓ ସର୍ବେଶ୍ୱର ମହାପାତ୍ର ଅଂଶଗ୍ରହଣ କରିଥିଲେ।... ୮.୨.୧୮ରେ ରାଜକନିକାଠାରେ ମାତୃକୃପା ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଭଗବତ୍ କୃପା" ପ୍ରସଙ୍ଗରେ ଅନିରୁଦ୍ଧ ରାଉତ ଆଲୋଚନା କରିଥିଲେ।... ୧୧.୨.୧୮ରେ କେନ୍ଦ୍ରାପଡାସ୍ଥିତ ଆଶୁତୋଷ ମହାନ୍ତି ଓ ରାଜଲକ୍ଷ୍ମୀ ଦାସଙ୍କ ଶ୍ରୀଅରବିନ୍ଦ ପାଠଚକ୍ରର ୧୦ମ ବାର୍ଷିକୋତ୍ସବ କୃଷ୍ଣଚନ୍ଦ୍ର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦଙ୍କ ଯୋଗ" ସମ୍ପର୍କରେ ଅଞ୍ଜନା ପ୍ରଧାନ, ଚିତ୍ତରଞ୍ଜନ ଦାସ ଓ ଉର୍ମିଳା ରାଉତ ଆଲୋଚନା କରିଥିଲେ।... ୧୧.୨.୧୮ରେ ଛନ୍ଦାଠାରେ କୁଜଙ୍ଗ ୟୁନିଟ୍‌ର ମିଳିତ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ବାସୁଦେବ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦଙ୍କ ଯୋଗ" ସମ୍ପର୍କରେ

ଅଞ୍ଜନା ପ୍ରଧାନ, ଚିତ୍ତରଞ୍ଜନ ଦାସ ଓ ଉର୍ମିଳା ରାଉତ ଆଲୋଚନା କରିଥିଲେ।... ୧୧.୨.୧୮ରେ ଅଡ଼ଙ୍ଗା ମଲ୍ଲିକେଶପୁରସ୍ଥିତ କାହ୍ନୁ ଚରଣ ନାୟକଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରରେ "ଆନନ୍ଦମୟୀ ମା" ସମ୍ପର୍କରେ ତୃପ୍ତି ପ୍ରଧାନ, ସ୍ୱର୍ଣ୍ଣଲତା ନାଥଶର୍ମା, ମଳୟ କୁମାର ଜେନା, ସୁଦାମ ଚରଣ ରାଉତ ଓ ଜଗବନ୍ଧୁ ପ୍ରଧାନ ଆଲୋଚନା କରିଥିଲେ।... ୧୩.୨.୧୮ରେ ଭାରଗୋଳସ୍ଥିତ ନାରାୟଣ ବାରିକଙ୍କ ଶ୍ରୀଅରବିନ୍ଦ ପାଠଚକ୍ରର ୨ୟ ବାର୍ଷିକୋତ୍ସବରେ ବଙ୍କିମ ଚନ୍ଦ୍ର ପ୍ରଧାନ, ଉର୍ମିଳା ରାଉତ ଓ ମାଗୁଣି ଚରଣ ଦାଶ "ଜୀବନର ଲକ୍ଷ୍ୟ" ସମ୍ପର୍କରେ ଆଲୋଚନା କରିଥିଲେ।... ୧୮.୨.୧୮ରେ ଧାନମଣ୍ଡଳସ୍ଥିତ ବନଲତା ଜେନାଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ୧୨ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦଙ୍କ ଯୋଗ" ସମ୍ପର୍କରେ ଶୁକଦେବ ସାମଲ ଓ ମଳୟ କୁମାର ଜେନା ଆଲୋଚନା କରିଥିଲେ।... ୧୮.୨.୧୮ରେ ଖଡିଅଙ୍ଗସ୍ଥିତ ବିଜୟ ଲକ୍ଷ୍ମୀ ସ୍ୱାଇଁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର କୃଷ୍ଣଚନ୍ଦ୍ର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଦିବ୍ୟଜନନୀ ମା" ସମ୍ପର୍କରେ ସନ୍ତୋଷ କୁମାର ନାୟକ ଓ ନୟନା ବେହେରା ଆଲୋଚନା କରିଥିଲେ।... ୧୮.୨.୧୮ରେ ଚଉଦକୁଲାଟଠାରେ ଶ୍ରୀଅରବିନ୍ଦ ପାଠଚକ୍ର ନୟନା ବେହେରଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ମା" ସମ୍ପର୍କରେ ଚିତ୍ତରଞ୍ଜନ ଦାସ ଓ ଲକ୍ଷ୍ମୀଧର ପାତ୍ର ଆଲୋଚନା କରିଥିଲେ।... ୧୮.୨.୧୮ରେ ଘୋଡାଦଣ୍ଡାଠାରେ ଦିବ୍ୟଜ୍ୟୋତି ପାଠଚକ୍ରର ୨୪ତମ ବାର୍ଷିକୋତ୍ସବ ହରିହର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ପୂର୍ଣ୍ଣଯୋଗରେ ମାତୃକୃପା ହିଁ ଅପରିହାର୍ଯ୍ୟ" ସମ୍ପର୍କରେ ପୀତାମ୍ବର ମଲ୍ଲ, ମାଗୁଣିଚରଣ ଦାସ, ଅଞ୍ଜନା ପ୍ରଧାନ ଓ ଜୟଶ୍ରୀ ପ୍ରଧାନ ଆଲୋଚନା କରିଥିଲେ।... ୨୦.୨.୧୮ରେ ବନ୍ଧକଟାସ୍ଥିତ ଅଶୋକ କୁମାର ନାୟକ ଓ କଳ୍ପନା ନାୟକଙ୍କ ବାସଭବନରେ ଶ୍ରୀଅରବିନ୍ଦ ମହିଳା ପାଠଚକ୍ରର ୧୨ତମ ବାର୍ଷିକୋତ୍ସବ ରଞ୍ଜନ କୁମାର ବାରିକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଯୋଗ ଓ ଜୀବନ" ସମ୍ପର୍କରେ ବିଦ୍ୟୁତ ପ୍ରଭା ଦାଶ, ବିଚିତ୍ରାନନ୍ଦ ସ୍ୱାଇଁ ଓ ମାଗୁଣି ଚରଣ ଦାଶ ଆଲୋଚନା କରିଥିଲେ।... ୨୫.୨.୧୮ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଘୋଡାଦଣ୍ଡାଠାରେ କେନ୍ଦ୍ରାପଡା ୟୁନିଟ୍‌ର ମିଳିତ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୨୭.୨.୧୮ରେ ଭାରଗୋଳସ୍ଥିତ ସଞ୍ଜୟ କୁମାର ବାରିକଙ୍କ ବାସଭବନରେ ନାରାୟଣ ବାରିକଙ୍କ ସହାୟତା ଓ ମଞ୍ଜୁଲତା ବାରିକଙ୍କ ପରିଚାଳନାରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦ ପାଠଚକ୍ରର ଆବଶ୍ୟକତା" ସମ୍ପର୍କରେ ଶୁକଦେବ ସାମଲ ଆଲୋଚନା କରିଥିଲେ।... ୨୮.୨.୧୮ରେ ବାଙ୍କିମୁଣ୍ଡାଇସ୍ଥିତ ଉର୍ମିଳା ରାଉତଙ୍କ ମୀରା ମନ୍ଦିରଠାରେ ଶ୍ରୀଅରବିନ୍ଦ

ମହିଳା ପାଠଚକ୍ରର ୧୬ତମ ବାର୍ଷିକୋତ୍ସବ ଜଗବନ୍ଧୁ ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ପୁରାତନ ଯୋଗ ଓ ପୂର୍ଣ୍ଣଯୋଗର ଲକ୍ଷ୍ୟ" ସମ୍ପର୍କରେ ଗୁଣନିଧି ତ୍ରିପାଠୀ, ଦୁର୍ଗାଚରଣ ନାୟକ, ବିପିନ ବିହାରୀ କର ଓ ଉର୍ମିଳା ରାଉତ ଆଲୋଚନା କରିଥିଲେ ।

**ଯାଜପୁର:-** ୪.୨.୧୮ରେ ଯାଜପୁର ଟାଉନ, ମାତୃସଦନଠାରେ ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ ମେଡିକାଲ ଆସୋସିଏସନ୍‌ର ବାର୍ଷିକୋତ୍ସବ କ୍ଷୀରୋଦ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଡା. ରାଜକିଶୋର ପଣ୍ଡା, ଡା. ଦିଲିପ ଦାସ, ଡା. ବିରଜା ପ୍ରସାଦ ବିଶ୍ୱାଳ "ରୋଗର କାରଣ ଓ ତାହାର ନିରାକରଣ" ସମ୍ପର୍କରେ ଆଲୋଚନା କରିଥିଲେ । ଏଥିରେ କୈଳାସ ଚନ୍ଦ୍ର କୁଅଁର, ସଦାଶିବ ନାୟକ, ଆନନ୍ଦ ମହାନ୍ତି, କହ୍ନାଇ ପୃଷ୍ଟି, ରବି ପ୍ରସାଦ ସାମଲ ପ୍ରମୁଖ ସହଯୋଗ କରିଥିଲେ ।... ୫.୨.୧୮ରେ ମାର୍କଣ୍ଡପୁର ଗ୍ରାମରେ ବିଜୟ କୁମାର ପ୍ରଧାନଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ଏକ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଏଥିରେ କହ୍ନାଇ ପୃଷ୍ଟି, ବିଷ୍ଣୁପ୍ରିୟା ଖୁଣ୍ଟିଆ ଓ ହେମଲତା ବେହେରା ଅଂଶଗ୍ରହଣ କରିଥିଲେ ।... ଫେବୃୟାରୀ ୧୮ ରୁ ୨୧ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦଙ୍କ ମହାକାବ୍ୟ ସାବିତ୍ରୀ ଅଖଣ୍ଡ ପାଠ କରାଯାଇଥିଲା । ଏଥିରେ ସୁବାସ ଚନ୍ଦ୍ର ସାହୁ ଓ ନିରୁପମା ନାୟକ ଅଂଶଗ୍ରହଣ କରିଥିଲେ ।... ୨୧.୨.୧୮ରେ ଭୂଇଁପୁରସ୍ଥିତ ଗୁରୁଚରଣ ଭଞ୍ଜଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସୁମିତ୍ରା ଭଞ୍ଜ, ଦିବ୍ୟାସା ଭଞ୍ଜ, ଦିପକ କୁମାର ଭଞ୍ଜ, ଇତିଶ୍ରୀ ବୋଇତାଇ, ତିଲୋତ୍ତମା ନାୟକ, ନିରୁପମା ନାୟକ, ସୀମା ଲେଙ୍କା, ମନସ୍ୱିନି ଲେଙ୍କା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

**କେନ୍ଦୁଝର-** ୨.୧୨.୧୮ରେ ଢେଙ୍କାସ୍ଥିତ ବିଦ୍ୟାଧର କରଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଶ୍ରୀଅରବିନ୍ଦଙ୍କର ପୂର୍ଣ୍ଣଯୋଗ" ସମ୍ପର୍କରେ ଜନାର୍ଦ୍ଦନ ଆଚାର୍ଯ୍ୟ ଓ ସତ୍ୟେନ୍ଦ୍ରନାଥ ବେହେରା ଓ "ଯୁଗାବତାର ଶ୍ରୀମାଶ୍ରୀଅରବିନ୍ଦ" ସମ୍ପର୍କରେ ଅନନ୍ତ ଚରଣ ଖୁଣ୍ଟିଆ ଓ ସବିତା ମିଶ୍ର ଆଲୋଚନା କରିଥିଲେ ।... ୧.୧.୧୮ରେ ରେମାଳଡ୍ୟାମଠାରେ ସଞ୍ଜୁକ୍ତ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସବିତା ମିଶ୍ର, ଜନାର୍ଦ୍ଦନ ଆଚାର୍ଯ୍ୟ, ଅନନ୍ତ ଚରଣ ଖୁଣ୍ଟିଆ, ହରିହର ମିଶ୍ର ଓ ଅଜୟ କୁମାର ସାହୁ "ପୂର୍ଣ୍ଣଯୋଗ" ସମ୍ପର୍କରେ ଆଲୋଚନା କରିଥିଲେ ।... ୧୯.୧.୧୮ରେ ପଦ୍ମପୁରଠାରେ ଶ୍ରୀଅରବିନ୍ଦ ପାଠଚକ୍ରରେ "ନବଜନ୍ମ" ସମ୍ପର୍କରେ ଅନନ୍ତଚରଣ ଖୁଣ୍ଟିଆ, ଅଜୟ କୁମାର ସାହୁ ଓ ଗୁନଚରଣ ସାହୁ ଆଲୋଚନା କରିଥିଲେ ।... ୨୧.୧.୧୮ରେ ସୋସୋଠାରେ ଏକ ସ୍ୱାଧ୍ୟାୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ "ମନୁପୁତ୍ରର ଅଭୀପ୍‌ସା" ସମ୍ପର୍କରେ ସତ୍ୟେନ୍ଦ୍ରନାଥ ବେହେରା, ସନାତନ ଜେନା, ରାଧାରାଣୀ ଓଝା ଓ ସୁରେନ୍ଦ୍ରନାଥ ପୃଷ୍ଟି ଆଲୋଚନା କରିଥିଲେ ।... ୨୧.୧.୧୮ରେ ମୁଗୁପୁର ଓ

ପଦ୍ମପୁରଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶ୍ରୀକାନ୍ତ ସାହୁ ଅଂଶଗ୍ରହଣ କରିଥିଲେ ।... ୨୩.୧.୧୮ରେ ବାଙ୍ଗୋରଠାରେ ସୁରେନ୍ଦ୍ରନାଥ ପୃଷ୍ଟିଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି । ଏଥିରେ ସନାତନ ଜେନା, ସୁରେନ୍ଦ୍ର ପୃଷ୍ଟି, ବୃନ୍ଦାବନ ବାଇ, ଗୁନଚରଣ ସାହୁ ଓ ବିଦ୍ୟାଧର କର ଆଲୋଚନାରେ କରିଥିଲେ ।... ୨୮.୧.୧୮ରେ ଶଙ୍କିରି, ସାହାରପୁର ଓ ପାଟଣାଠାରେ ନୂତନ କରି ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଧର ମହନ୍ତ, ଶ୍ରୀକାନ୍ତ ସାହୁ ଓ ଅଜୟ କୁମାର ପଲେଇ ଅଂଶଗ୍ରହଣ କରିଥିଲେ ।... ୩୧.୧.୧୮ରେ ଜନାର୍ଦ୍ଦନ ଆଗ୍ରର୍ଯ୍ୟଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି । ଏଥିରେ "ଅଧ୍ୟୟନ, ସଙ୍ଗଠନ ଓ ପ୍ରଗତି" ସମ୍ପର୍କରେ ଅନନ୍ତଚରଣ ଖୁଣ୍ଟିଆ, ବିଦ୍ୟାଧର କର, ଜନାର୍ଦ୍ଦନ ଆଗ୍ରର୍ଯ୍ୟ, ଅଜୟ କୁମାର ସାହୁ, ବୃନ୍ଦାବନ ବାଇ, ଯଯାତି କିଶୋର ରାଉତ, ଆକାଶ କୁମାର ସାହୁ, କାଳନ୍ଦୀ ଚରଣ ସାହୁ ଓ ମାୟାଧର ସାହୁ ଆଲୋଚନା କରିଥିଲେ ।... ଜାନୁୟାରୀ ୮ ରୁ ୧୦ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, କଇନିପୁରାଠାରେ ଶ୍ରୀଅରବିନ୍ଦ ଯୋଗ ସାଧନା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଭଗବାନ ହିଁ ଜୀବନର ଶାସକ", "ଧ୍ୟାନ", "ଦିବ୍ୟକୃପା", "ଏକାଗ୍ରତା", "କେବଳ ସତ୍ୟ", "ଶ୍ରୀଅରବିନ୍ଦଙ୍କ ପାଖକୁ ଶ୍ରୀମା'ଙ୍କ ଆଗମନ", "ଆସ ଆମେ ଅନ୍ତଃଚତନାରେ ବାସ କରିବା", "ଏକମାତ୍ର ସଙ୍କଳ୍ପ", "ଶ୍ରୀଅରବିନ୍ଦଙ୍କୁ ଅଧ୍ୟୟନ କରିବା", "ମଧୁମୟୀ ମା" ସମ୍ପର୍କରେ ପ୍ରଭାତ କୁମାର ନାୟକ, ଜନାର୍ଦ୍ଦନ ଆଗ୍ରର୍ଯ୍ୟ, ଅଜୟ କୁମାର ସାହୁ, ବୃନ୍ଦାବନ ବାଇ, ଶ୍ରୀକାନ୍ତ ସାହୁ, ଗୀତାଞ୍ଜଳୀ ସାହୁ, ଅଜୟ କୁମାର ପଲେଇ, କାଳନ୍ଦୀଚରଣ ସାହୁ, ଶାନ୍ତିରଞ୍ଜନ ରାୟ, ଅନନ୍ତଚରଣ ଖୁଣ୍ଟିଆ, ସବିତା ମିଶ୍ର, ସନାତନ ଜେନା ପ୍ରମୁଖ ଆଲୋଚନା କରିଥିଲେ ।... ଉକ୍ତ କାର୍ଯ୍ୟକ୍ରମରେ ଗୀତାଞ୍ଜଳି ସାହୁ, ବିନୋଦ ବିହାରୀ ବଳ, ଜାନକୀ ସାହୁ ଓ ମାନସୀ ରାଉତ ଅଂଶଗ୍ରହଣ କରିଥିଲେ ।... ୪.୨.୧୮ରେ ଶ୍ରୀଅରବିନ୍ଦ ସାଧନା ପୀଠ, ବେଲବାହାଳୀରେ ଶ୍ରୀଅରବିନ୍ଦ ମହିଳା ପାଠଚକ୍ରର ବାର୍ଷିକୋତ୍ସବ ପ୍ରଗତି ପ୍ରଭା ବାଇଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଶ୍ରୀମା'ଙ୍କ ଆଲୋକରେ ଆଧ୍ୟାତ୍ମିକ ଜୀବନ" ସମ୍ପର୍କରେ ରବୀନ୍ଦ୍ର କୁମାର ପଢ଼ୀ, "ନାରୀ ଆଧ୍ୟାତ୍ମିକ ଶକ୍ତିର ଉତ୍ସ" ସମ୍ପର୍କରେ ଅଞ୍ଜଳି ତ୍ରିପାଠୀ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅଜୟ କୁମାର ସାହୁ, ଅନନ୍ତ ଚରଣ ଖୁଣ୍ଟିଆ ଓ ସୁମିତ୍ରା ସାହୁ ଆଲୋଚନା କରିଥିଲେ ।... ୮.୨.୧୮ରେ କଇନିପୁରାଠାରେ ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ଦିବସ ଜନାର୍ଦ୍ଦନ ଆଗ୍ରର୍ଯ୍ୟଙ୍କ ପରିଗ୍ଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଦିବ୍ୟପ୍ରେମ", "ଦିବ୍ୟଜନନୀ" ସମ୍ପର୍କରେ ପୁଷ୍ପାଞ୍ଜଳି ସାହୁ ଓ ଭାଗୀରଥି ମହାପାତ୍ର ଆଲୋଚନା କରିଥିଲେ ।... ୧୦.୨.୧୮ରେ

ତରୁଆଁଠାରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ" ସମ୍ପର୍କରେ କୀର୍ତ୍ତନ ବିହାରୀ ରାଉତ, ଗୋପାଳଚରଣ ରାଉତ ଓ ମୀନକେତନ ରାଉତ ଆଲୋଚନା କରିଥିଲେ ।... ୧୦.୨.୧୮ରେ କଇନିପୁରାସ୍ଥିତ ଗୁନଚରଣ ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ "Self surrender in work" ସମ୍ପର୍କରେ ବୃନ୍ଦାବନ ବାଇ ଓ ସବିତ୍ରା ମିଶ୍ର ଆଲୋଚନା କରିଥିଲେ ।... ଫେବୃୟାରୀ ୧୧ ଓ ୧୨ରେ ସନ୍ତାଗଡିଆଠାରେ ଶ୍ରୀଅରବିନ୍ଦ ଯୁବ ଛାତ୍ର ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଆଧ୍ୟାତ୍ମିକ ଜୀବନ ଓ ନୈତିକତା", "ସାବିତ୍ରୀ", "ସମର୍ପଣ ଓ ଯୋଗ" ଓ "ନୂତନ ଜଗତ" ସମ୍ପର୍କରେ ପ୍ରଭାତ କୁମାର ନାୟକ, ବୃନ୍ଦାବନ ବାଇ, ବିଦ୍ୟାଧର କର, ସବିତା ମିଶ୍ର, ହେମନ୍ତ କୁମାର ସାହୁ ଓ ସୂର୍ଯ୍ୟକାନ୍ତ ସାମଲ ଆଲୋଚନା କରିଥିଲେ ।... ୧୧.୨.୧୮ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ତରତରାରଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । "ପୂର୍ଣ୍ଣଯୋଗ" ସମ୍ପର୍କରେ କୀର୍ତ୍ତନ ବିହାରୀ ବ୍ରହ୍ମ, ଅନନ୍ତଚରଣ ଖୁଣ୍ଟିଆ, ବୃନ୍ଦାବନ ବାଇ, ନିରାକାର ସାମଲ ଓ ଶାନ୍ତିରଞ୍ଜନ ରାୟ ଆଲୋଚନା କରିଥିଲେ ।... ୧୫.୨.୧୮ରେ ତେନ୍ତୁଳିନଣ୍ଡାଠାରେ ସ୍ୱର୍ଗତ ଗୋବିନ୍ଦ ଚନ୍ଦ୍ର ନାୟକଙ୍କର ଉଦ୍ଦେଶ୍ୟରେ ରାଧାରାଣୀ ଓଝା, ସନାତନ ଦାଶ, କୀର୍ତ୍ତନ ବିହାରୀ ରାଉତ, ଗୁନଚରଣ ସାହୁ, ଶ୍ରୀକାନ୍ତ ସାହୁ, ସୁକାନ୍ତ କୁମାର ଜେନା, ବୃନ୍ଦାବନ ବାଇ, ଅନନ୍ତଚରଣ ଖୁଣ୍ଟିଆ ତଥା ସ୍ଥାନୀୟ ପାଠଚକ୍ରର ଅପାଭାଇ ଶ୍ରଦ୍ଧାଞ୍ଜଳି ଜଣାଇ ନୀରବ ପାର୍ଥନା କରିଥିଲେ ।... ୧୮.୨.୧୮ରେ ପାଟସୁରାସ୍ଥିତ ଶ୍ରୀଧର ଖୁଣ୍ଟିଆଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି । ଏଥିରେ "ଦିବ୍ୟଜନନୀ ଶ୍ରୀମା ଓ ଆଧ୍ୟାତ୍ମିକ ଜୀବନ" ସମ୍ପର୍କରେ ଅନନ୍ତ ଚରଣ ଖୁଣ୍ଟିଆ ଓ ବୃନ୍ଦାବନ ବାଇ ଆଲୋଚନା କରିଥିଲେ ।... ୨୧.୨.୧୮ରେ ଶ୍ରୀଅରବିନ୍ଦ ସାଧନାପୀଠ, ବେଲବାହାଳୀଠାରେ କିଶୋର ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଦିବ୍ୟଜନନୀ" ସମ୍ପର୍କରେ ଅନନ୍ତ ଚରଣ ଖୁଣ୍ଟିଆ ଓ ସବିତାରାଣୀ ମିଶ୍ର ଆଲୋଚନା କରିଥିଲେ ।... ୨୦.୨.୧୮ରେ ସାହାରାପୁରଠାରେ ଏକ ନୂତନ ଶ୍ରୀଅରବିନ୍ଦ ପାଠଚକ୍ରରେ ଶ୍ରୀକାନ୍ତ ସାହୁ ଓ ଗଜେନ୍ଦ୍ର ଦାଶ ଅଂଶଗ୍ରହଣ କରିଥିଲେ ।... ୨୪.୨.୧୮ରେ ତେନ୍ତୁଳିନଣ୍ଡାସ୍ଥିତ ୰ ଗୋବିନ୍ଦ ଚନ୍ଦ୍ର ନାୟକଙ୍କ ବାସଭବନରେ ତାଙ୍କ ତିରୋଧାନର ଏକାଦଶ ଦିବସରେ ଏକ ସ୍ୱତନ୍ତ୍ର ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଜନ୍ମ ଓ ମୃତ୍ୟୁର ରହସ୍ୟ" ସମ୍ପର୍କରେ ଗୋଲଖ ବିହାରୀ ଧଳ, ଅଜୟ କୁମାର ସାହୁ, ଅନନ୍ତ ଚରଣ ଖୁଣ୍ଟିଆ, ଗଜେନ୍ଦ୍ର କୁମାର ଦାଶ, ଦାଶରଥି ମିଶ୍ର, ସବିତା ମିଶ୍ର, ବୃନ୍ଦାବନ ବାଇ,

ବିଦ୍ୟାଧର କର, ସୁରେନ୍ଦ୍ରନାଥ ପୃଷ୍ଟି, ତ୍ରିଲୋଚନ ସାହୁ, ଫକୀର ଚରଣ ଶଙ୍ଖୁଆ, ଯଯାତି କିଶୋର ରାଉତ ଓ ରାଧାରାଣୀ ଓଝା ଆଲୋଚନା କରିଥିଲେ।

**ଜଗତ୍‌ସିଂହପୁର:-** ୧.୧.୧୮ରେ ପିପଳସ୍ଥିତ ଗୋବର୍ଦ୍ଧନ ନାୟକଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ବାସୁଦେବ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୀର୍ତ୍ତନ ବିହାରୀ ବ୍ରହ୍ମ, ବିଚିତ୍ରାନନ୍ଦ ସ୍ୱାଇଁ, ଜଗନ୍ନାଥ ସ୍ୱାଇଁ, ପଞ୍ଚାନନ ସାହୁ, ଜୟକୃଷ୍ଣ ସ୍ୱାଇଁ "ଶ୍ରୀମା'ଙ୍କର ଧରାପୃଷ୍ଠରେ ଅବତରଣ" ସମ୍ପର୍କରେ ଆଲୋଚନା କରିଥିଲେ।... ୧.୧.୧୮ରେ ମଲ୍ଲୀସାହିସ୍ଥିତ ରଶ୍ମିରଞ୍ଜନ ମହାପାତ୍ରଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ବାସୁଦେବ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଜନ୍ମଦିବସ" ସମ୍ପର୍କରେ ପଞ୍ଚାନନ ସାହୁ, ଜୟକୃଷ୍ଣ ସ୍ୱାଇଁ, ମନୋଜ କିଶୋର ମନୋହାରି, ଶୈଳବାଳା ବଳବନ୍ତରାଏ ଆଲୋଚନା କରିଥିଲେ।...୩.୧.୧୮ରେ ପାରେଶ୍ୱରପୁରସ୍ଥିତ ସୂର୍ଯ୍ୟକାନ୍ତ ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ନିର୍ମଳା ଦାସଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଜନ୍ମଦିବସ" ସମ୍ପର୍କରେ ସୌଭାଗିନି ସାହୁ, ରେଣୁବାଳା ସାହୁ, ବିନୋଦିନି ସାହୁ, ସୌଭାଗ୍ୟ ସାହୁ ଓ ଶୁଭସ୍ମିତା ଦାସ ଆଲୋଚନା କରିଥିଲେ।... ୫.୧.୧୮ରେ ଉକ୍ଟୁ ସାହିସ୍ଥିତ ପୁରୁଷୋତ୍ତମ ନାୟକଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ବାସୁଦେବ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ମୃତ୍ୟୁ" ସମ୍ପର୍କରେ ଅନୁପମା ସେଠୀ, ମାନସୀ ସାମନ୍ତରା, ଗିରିଧାରି ସାହୁ, ବିଚିତ୍ରାନନ୍ଦ ସ୍ୱାଇଁ, କ୍ରିଷ୍ଣାମଞ୍ଜରୀ ମହାପାତ୍ର, ରମେଶ ଚନ୍ଦ୍ର ନାୟକ ଓ ସୁଲୋଚନା ନାୟକ ଆଲୋଚନା କରିଥିଲେ।... ୧୪.୧.୧୮ରେ ଅନ୍ତେଇଗ୍ରାମରେ କୁଜଙ୍ଗ ୟୁନିଟ୍‌ର ଶ୍ରୀଅରବିନ୍ଦ ମିଳିତ ପାଠଚକ୍ର ପିତାମ୍ବର ମଲ୍ଲଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାସୁଦେବ ନାୟକ, ଜୟକୃଷ୍ଣ ସ୍ୱାଇଁ, ଜଗନ୍ନାଥ ସ୍ୱାଇଁ ଓ ମନ୍ଦାକିନି ଦାସ "ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ" ପୁସ୍ତକରୁ କିଛି ଅଂଶ ପାଠ କରି ଆଲୋଚନା କରିଥିଲେ।... ୧୭.୧.୧୮ରେ ଶ୍ରୀଅରବିନ୍ଦ ପାଠଚକ୍ର ମହାନଙ୍ଗଳାସ୍ଥିତ ଫକୀର ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଜଗନ୍ନାଥ ସ୍ୱାଇଁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରାଦ୍ଧ ଦିବସ" ସମ୍ପର୍କରେ ବାସୁଦେବ ନାୟକ, ଜୟକୃଷ୍ଣ ସ୍ୱାଇଁ, ଅଭୟ କୁମାର ରାଉତ, ରବୀନ୍ଦ୍ରନାଥ ସୁତାର, ଭିକାରୀ ଚରଣ ରାଉତ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସର୍ବେଶ୍ୱର ମହାପାତ୍ର ଅଂଶଗ୍ରହଣ କରିଥିଲେ।... ୨୨.୧.୧୮ରେ ଉଜ ନୂଆଗାଁସ୍ଥିତ ଦିଲିପ କୁମାର ରାଉତଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ବାସୁଦେବ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାନନ ସାହୁ, କେଶବଚନ୍ଦ୍ର ଦଳାଇ, ଜୟକୃଷ୍ଣ ସ୍ୱାଇଁ ଓ ଦିଲିପ କୁମାର ରାଉତ "ମହାସରସ୍ୱତୀ" ସମ୍ପର୍କରେ ଆଲୋଚନା

କରିଥିଲେ ।... ୨୫.୧.୧୮ରେ ଚକ୍ରଧରପୁର ଗ୍ରାମର ପ୍ରଶାନ୍ତ କୁମାର ସାମନ୍ତରାଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ବାସୁଦେବ ନାୟକଙ୍କ ପରିଚ୍ଳଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ମା" ପୁସ୍ତକର କିଛି ଅଂଶ ପାଠ କରାଯାଇ ଆଲୋଚନା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଜଗନ୍ନାଥ ସ୍ୱାଇଁ, ଜୟକୃଷ୍ଣ ସ୍ୱାଇଁ, ପଞ୍ଚାନନ ସାହୁ ଓ କେଶବ ଚରଣ ଦଳାଇ ଆଲୋଚନା କରିଥିଲେ ।... ୪.୨.୧୮ରେ ନିମକଣାସ୍ଥିତ ମାୟାଧର ଦାସଙ୍କ ବାସଭବନରେ ବାସୁଦେବ ନାୟକଙ୍କ ପରିଚ୍ଳଳନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଅତିମାନସ ଓ ଦିବ୍ୟକର୍ମ" ସମ୍ପର୍କରେ ପ୍ରଭୁଚରଣ ଆଚ୍ଚାର୍ଯ୍ୟ, ନରହରି ସାହୁ, ଜୟକୃଷ୍ଣ ସ୍ୱାଇଁ, ଅବନ୍ତୀ ପରିଡା ଓ କୃଷ୍ଣଚନ୍ଦ୍ର ଘଡେଇ ଆଲୋଚନା କରିଥିଲେ ।... ୪.୨.୧୮ରେ ପାରେଶ୍ୱରସ୍ଥିତ ଭିକାରୀ ଭବନଠାରେ ଅରୋମୀରା ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଶ୍ରୀଅରବିନ୍ଦ ପାଠଚକ୍ର କ'ଣ, କାହିଁକି ?" ସମ୍ପର୍କରେ ସୌଭାଗିନୀ ସାହୁ, ଗିରିଧାରି ସାହୁ, ସୌରଭ ସାହୁ, ସୌଭାଗ୍ୟ ସାହୁ, ନିର୍ମଳା ଦାସ, ବିନୋଦିନି ସାହୁ ଓ ଶୁଭସ୍ମିତା ଦାସ ଆଲୋଚନା କରିଥିଲେ ।... ୬.୨.୧୮ରେ ବଳରାମପୁରସ୍ଥିତ ନିରୁପମା ନାୟକଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଗିରିଧାରି ସାହୁଙ୍କ ପରିଚ୍ଳଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଶ୍ରୀଅରବିନ୍ଦଙ୍କର ସାଧନା" ସମ୍ପର୍କରେ ବାସୁଦେବ ନାୟକ, ନିରୁପମା ନାୟକ, ମାନସୀ ସାମନ୍ତରା ଓ ଅନୁପମା ସେଠୀ ଆଲୋଚନା କରିଥିଲେ ।

**ସଙ୍ଗତି ମଣ୍ଡଳ**

**ବୌଦ୍ଧ:-** ୧୦.୨.୧୮ରେ ବାରଡୋଲସ୍ଥିତ ସୁଷମା ଦେହୁରୀଙ୍କ ବାସଭବନରେ ଶ୍ରୀମାଶ୍ରୀଅରବିନ୍ଦ ପାଠଚକ୍ରର ତୃତୀୟ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାମପ୍ରସାଦ କର୍ଣ୍ଣ, ସନ୍ତୋଷ କୁମାର ମହାକୁଡ ଓ ଗୌତମ ମହଲା "ଆଦର୍ଶ ଶିଶୁ" ଓ "ଶ୍ରୀଅରବିନ୍ଦ ପାଠଚକ୍ର ବାର୍ଷିକୋତ୍ସବ କାହିଁକି ପାଳନ କରିବା" ସମ୍ପର୍କରେ ଆଲୋଚନା କରିଥିଲେ ।... ୧୧.୨.୧୮ରେ ନୂର୍ପାଗ୍ରାମରେ ବ୍ଲକସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ତଥା ମାତୃସମ୍ମିଳନୀର ୪ର୍ଥ ବାର୍ଷିକୋତ୍ସବ କିରଣବାଳା ଦାସଙ୍କ ସଭାପତିତ୍ୱ ତଥା ରାମପ୍ରସାଦ କର୍ଣ୍ଣଙ୍କର ପରିଚ୍ଳଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଦୈନନ୍ଦିନ ଜୀବନରେ ଯୋଗ", "ସାଧାରଣ ଜୀବନରେ ନାମଜପ" ସମ୍ପର୍କରେ ସୁଜାତା ପତି ଓ ଲକ୍ଷ୍ମୀପ୍ରିୟା ପ୍ରଧାନ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ରାଜକୁମାରୀ ବେହେରା ଅଂଶଗ୍ରହଣ କରିଥିଲେ ।... ୧୧.୨.୧୮ରେ ମୀରା ଅଦିତି ଆଶ୍ରମ ପଦରପଡାଠାରେ ଏକ ସ୍ୱତନ୍ତ୍ର ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସୁଜାତା ପତି "ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ପ୍ରତିଷ୍ଠାର ତାତ୍ପର୍ଯ୍ୟ" ସମ୍ପର୍କରେ ଆଲୋଚନ କରିଥିଲେ ।... ୧୨.୨.୧୮ରେ

ପଦରପଡାସ୍ଥିତ ବୀରେନ୍ଦ୍ର ଭୂଷଣ ମେଣ୍ଟିଲିଙ୍କ ବାସଭବନରେ ଏକ ସ୍ୱତନ୍ତ୍ର ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ "ମାଶ୍ରୀଅରବିନ୍ଦ କିଏ ?", "ତାଙ୍କ ଆଗମନରେ ପୃଥିବୀର ପରିବର୍ତ୍ତନ" ସମ୍ପର୍କରେ ସୁଜାତା ପତି ଆଲୋଚନା କରିଥିଲେ ।

●

## ଶ୍ରୀଅରବିନ୍ଦ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମ

**ରାଜ୍ୟ ସ୍ତରୀୟ କୁଇଜ୍:** ୨୦୧୭-୧୮ ବର୍ଷର ରାଜ୍ୟସ୍ତରୀୟ କୁଇଜ୍ ଗତ ୨୫.୨.୨୦୧୮ ତାରିଖରେ ମାତୃଭବନ, କଟକଠାରେ ଅନୁଷ୍ଠିତ ହୋଇଯାଇଛି । 'ମା' ପୁସ୍ତକର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଅଧ୍ୟାୟରେ ଥିବା ବିଷୟବସ୍ତୁ ଆଧାରରେ ଏହା ଅନୁଷ୍ଠିତ ହୋଇଥିଲା । ରାଜ୍ୟର ବିଭିନ୍ନ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରମାନଙ୍କରୁ ଛାତ୍ରଛାତ୍ରୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ ।

**ସେମିନାର:** ଶ୍ରୀଅରବିନ୍ଦ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା "ମାନବ ଯୁଗଚକ୍ର" ସେମିନାର କାର୍ଯ୍ୟକ୍ରମରେ ଦ୍ୱାଦଶ ସେମିନାରଟି ଆସନ୍ତା ୧୫.୪.୨୦୧୮ ତାରିଖରେ ଦିନ ୧୦ଘଣ୍ଟା ସମୟରେ ମାତୃଭବନ, କଟକଠାରେ ଅନୁଷ୍ଠିତ ହେବ । ଡକ୍ଟର ଗୋଲୋକ ବିହାରୀ ସାହୁ ଏହି ଅଧ୍ୟାୟର ଆଲୋଚନା କରିବେ । ସମସ୍ତ ଆଗ୍ରହୀ ଅପା ଭାଇ ଏହି ସେମିନାରରେ ଯୋଗଦେବାପାଇଁ ଅନୁରୋଧ ।

**ଇଂରାଜୀ ବ୍ୟାକରଣସମ୍ପର୍କିତ କର୍ମଶାଳା:** ଏ ବର୍ଷର ଇଂରାଜୀ ବ୍ୟାକରଣ ସମ୍ପର୍କିତ କର୍ମଶାଳା ଆସନ୍ତା ୨୪.୫.୨୦୧୮ରୁ ୩୦.୫.୨୦୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏଥିରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରମାନଙ୍କରେ ଶିକ୍ଷାଦାନ କରୁଥିବା ଅପା, ଭାଇ ଯୋଗଦାନ କରିପାରିବେ । ଯୋଗଦାନ କରିବାକୁ ଆସୁଥିବା ଅପାଭାଇଙ୍କୁ ଏହି କର୍ମଶାଳାର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ମାତୃଭବନ, କଟକଠାରେ ରହିବାକୁ ପଡ଼ିବ । ଏଥିପାଇଁ ଆଗ୍ରହୀ ଅପା ଭାଇ ୨୪.୫.୨୦୧୮ ସୁଦ୍ଧା ସେମାନଙ୍କ ବିଦ୍ୟାଳୟର ଅଧ୍ୟକ୍ଷ/ଅଧ୍ୟକ୍ଷାଙ୍କ ଜରିଆରେ ଶ୍ରୀଅରବିନ୍ଦ ବିଶ୍ୱବିଦ୍ୟାଳୟର ଆବାହକଙ୍କୁ

ଯୋଗାଯୋଗ କରିବାକୁ ଅନୁରୋଧ । କର୍ମଶାଳା ପାଇଁ କୌଣସି ଦେୟ ରଖାଯାଇ ନାହିଁ ।

ପ୍ରସାଦ ତ୍ରିପାଠୀ, ଆବାହକ, ମାତୃଭବନ, କଟକ

ଯୋଗାଯୋଗ: ୯୪୩୭୦୨୩୪୦୭
୯୪୩୭୩୮୫୮୬୩
୮୩୨୮୮୯୩୩୬୫

# ୪୮ତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ୨୦୧୮
# କାର୍ଯ୍ୟସୂଚୀ

## ୦୪.୦୪.୨୦୧୮ (ବୁଧବାର)

**ସନ୍ଧ୍ୟା ୦୫.୩୦** • ମାର୍ଚ୍ଚପାଷ୍ଟ (*ଏଥିରେ ସମସ୍ତ ଜୋନ୍‌ର ସଭ୍ୟସଭ୍ୟାମାନେ ଯୋଗଦେବାକୁ ଅନୁରୋଧ*)
• ବନ୍ଦେ ମାତରମ୍
• ପ୍ରଦର୍ଶନୀ ଉଦ୍‌ଘାଟନ

**ସନ୍ଧ୍ୟା ୬.୦୦ ରୁ ୬.୧୫** • ସମାଧି ଚତୁଃପାର୍ଶ୍ୱରେ ସମବେତ ଧ୍ୟାନ

**ସନ୍ଧ୍ୟା ୬.୩୦ ରୁ ୮.୩୦** • **ଉଦ୍‌ଘାଟନୀ ଉତ୍ସବ**
• ମାତୃସଙ୍ଗୀତ ସହ ଧ୍ୟାନ

ସାବିତ୍ରୀ ଆବୃତ୍ତି • ଡ:ଶ୍ୟାମା କାନୁନ୍‌ଗୋ
ସ୍ୱାଗତ ଭାଷଣ • ଶ୍ରୀ ଦୀପକ ସାମନ୍ତରାୟ
• ସ୍ମରଣିକା ଉନ୍ମୋଚନ
ଉପକ୍ରମ • ଶ୍ରୀ ଗଦାଧର ମିଶ୍ର
ଉଦ୍‌ଘାଟନୀ ଭାଷଣ • ଡ: ଆଲୋକ ପାଣ୍ଡେ
ବକ୍ତା • ଅଧ୍ୟାପକ ବିଶ୍ୱନାଥ ରାୟ
• ଡ: ଅର୍ଚ୍ଚନା ନାୟକ
*ବିଷୟ* • ***ପୃଥିବୀ ଇତିହାସରେ ଶ୍ରୀଅରବିନ୍ଦ ଯାହା ପ୍ରତିନିଧିତ୍ୱ କରନ୍ତି***

***ରାତ୍ର ୮.୩୦ - ୯.୦୦*** • ସାଂସ୍କୃତିକ କାର୍ଯ୍ୟକ୍ରମ

## ୦୫.୦୪.୨୦୧୮ (ଗୁରୁବାର)

**ପୂର୍ବାହ୍ନ ୮.୩୦ ରୁ ୧୨.୦୦** • **ପ୍ରାତଃ ଅଧିବେଶନ**
**‘ଭାରତୀୟ ସଂସ୍କୃତିର ଆଧାର’ ପୁସ୍ତକ ଆଲୋଚନା**

ଆଲୋଚନା ଚକ୍ର ଉନ୍ମୋଚନ • ଡ: ଆଲୋକ ପାଣ୍ଡେ
ଆଲୋଚକ • ଶ୍ରୀ ରବି ପାଢ଼ୀ, ସେକ୍ ଅବଦୁଲ କାଶମ, ଶ୍ରୀ ମହେନ୍ଦ୍ର ନାଥ ସ୍ୱାଇଁ, ଶ୍ରୀ ସୁପ୍ରକାଶ ଚୌଧୁରୀ, ଶ୍ରୀ ପ୍ରକାଶ ଚନ୍ଦ୍ର ପଣ୍ଡା, ଶ୍ରୀମତୀ ରୀତା ଚାନ୍ଦ, ଶ୍ରୀମତୀ ମମତା ଦାଶ, ଶ୍ରୀ ପ୍ରଭାକର ମିଶ୍ର

**ଅପରାହ୍ନ ୨.୩୦ ରୁ ୪.୩୦** • **ଅପରାହ୍ନ ଅଧିବେଶନ**
• ସାଙ୍ଗଠନିକ ଗୋଷ୍ଠୀ ଆଲୋଚନା

ବିଷୟ • ଏକ ଆଧ୍ୟାତ୍ମିକ ଜୀବନ ବଞ୍ଚିବାର କଳା

**ସନ୍ଧ୍ୟା ୬.୩୦ ରୁ ୮.୩୦** • **ସାନ୍ଧ୍ୟ ଅଧିବେଶନ**

ଆବୃତ୍ତି • କୁମାରୀ ନମିତା ନାୟକ
ବକ୍ତା • ଡ: ଆଲୋକ ପାଣ୍ଡେ
• ପ୍ରଫେସର ବିଶ୍ୱନାଥ ରାୟ
*ବିଷୟ* • ***ଏକ ନୂତନ ସୃଷ୍ଟି ପ୍ରସ୍ତୁତିରେ ଭାରତର ଭୂମିକା***

**ରାତ୍ର ୦୮.୩୦-୦୯.୦୦** • ସାଂସ୍କୃତିକ କାର୍ଯ୍ୟକ୍ରମ

**୦୬.୦୪.୨୦୧୮ (ଶୁକ୍ରବାର)**

ପୂର୍ବାହ୍ନ ୮.୩୦-୧୨.୦୦ • **ପ୍ରାତଃ ଅଧିବେଶନ**

**('ଭାରତୀୟ ସଂସ୍କୃତିର ଆଧାର' ପୁସ୍ତକର ଆଲୋଚନା)**

ଅଲୋଚକ • ଶ୍ରୀ ଭାଗିରଥି ମହାପାତ୍ର, ଶ୍ରୀ କପିଳାସ ପ୍ରସାଦ ଦାଶ,
ଡ: ସୌଦାମିନୀ ନନ୍ଦ, ଶ୍ରୀ ରମେଶ ଚନ୍ଦ୍ର ସାହୁ,
ଶ୍ରୀ ଗୋଲୋକ ବିହାରୀ ସାହୁ, ଶ୍ରୀ ରାଧାକାନ୍ତ ମିଶ୍ର
ଶ୍ରୀ ସଞ୍ଜୟ କୁମାର ମହାପାତ୍ର, ଶ୍ରୀ ବିମଳ ପ୍ରସନ୍ନ ଦାସ

ଉପସଂହାର • ଡ: ଆଲୋକ ପାଣ୍ଡେ

**ଅପରାହ୍ନ ୨.୩୦ରୁ୪.୩୦** • **ଅପରାହ୍ନ ଅଧିବେଶନ**

• ଜିଲ୍ଲା ବିବରଣୀ ଓ ସାଙ୍ଗଠନିକ ଗୋଷ୍ଠୀ ଆଲୋଚନା
"ଏକ ଆଧାତ୍ମିକ ଜୀବନ ବଞ୍ଚିବାର କଳା"

**ସନ୍ଧ୍ୟା ୬.୩୦ ରୁ ୮.୩୦** • **ସାନ୍ଧ୍ୟ ଅଧିବେଶନ**

ଆବାହନୀ • ଶ୍ରୀ ଅଜୟ କୁମାର ବାରିକ

ବକ୍ତା • ଡ: ମାଳବିକା ରାୟ

• ଡ: ବିରଞ୍ଚି ନାରାୟଣ ମହାପାତ୍ର

• ଶ୍ରୀ ରବି ପାଢ଼ୀ

*ବିଷୟ* • ***"ଯାହା ବି ମୂଲ୍ୟଦେଇ ସଙ୍ଗତି ରକ୍ଷା କର"***

୮.୩୦ ରୁ ୯.୦୦ • **ସାଂସ୍କୃତିକ କାର୍ଯ୍ୟକ୍ରମ**

**୦୭.୦୪.୨୦୧୮ (ଶନିବାର)**

**ପୂର୍ବାହ୍ନ ୮.୩୦ ରୁ ୧୨ଟା** • **ପ୍ରାତଃ ଅଧିବେଶନ**

**('ଭାରତୀୟ ସଂସ୍କୃତିର ଆଧାର' ପୁସ୍ତକର ଆଲୋଚନା)**

• ଶ୍ରୀ ସୁବାସ ଚନ୍ଦ୍ର କର, ଶ୍ରୀ ପ୍ରଶାନ୍ତ କୁମାର ସ୍ୱାଇଁ
ଶ୍ରୀମତୀ ସଙ୍ଗିତା ପଟ୍ଟନାୟକ, ଡ:ଦେବୀଦତ୍ତ କର
ଶ୍ରୀ ସନ୍ତୋଷ କୁମାର ଗାହାଣ, ଡ:ବିଜୟିନୀ ମହାପାତ୍ର
ଶ୍ରୀ ଧରଣୀଧର ପାଲ, ଡ: ବିରଞ୍ଚି ନାରାୟଣ ମହାପାତ୍ର

ଉପସଂହାର • ଡ: ଅର୍ଚ୍ଚନା ନାୟକ

**ଅପରାହ୍ନ ୨.୩୦ରୁ୪.୩୦** • **ଅପରାହ୍ନ ଅଧିବେଶନ**

• **ଜିଲ୍ଲା ବିବରଣୀ ଏବଂ ସାଙ୍ଗଠନିକ ଆଲୋଚନା**

**ସନ୍ଧ୍ୟା ୬.୩୦ ରୁ ୮.୩୦** • **ଉଦ୍‌ଯାପନ ଉତ୍ସବ**

ଆବାହନୀ • ଶ୍ରୀମତୀ ବନ୍ଦିତା ରାୟ

ବକ୍ତା • ଶ୍ରୀ ସି.ଏଚ୍. ନିରାକାର

• ଡ: ସରୋଜକାନ୍ତ ମିଶ୍ର

*ବିଷୟ* • ***"ଦିନେ ନା ଦିନେ ବିଜୟ ସୁନିଶ୍ଚିତ"***

ଉପସଂହାର • ଶ୍ରୀ ଗଦାଧର ମିଶ୍ର

ଧନ୍ୟବାଦ • ଶ୍ରୀ ପ୍ରସାଦ ତ୍ରିପାଠୀ

THE MATRUBHABAN PATRA
Date of Publication 19.03.2018 MARCH 2018
RNI Regn. No. 65218/91 Registered OR/CK (C) -22/2018-20

## ଶ୍ରୀଅରବିନ୍ଦ ଆଶ୍ରମ ଷ୍ଟୋର
## ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ-୭୫୩୦୧୩
## ନୂତନ ପ୍ରକାଶିତ ପୁସ୍ତକାବଳୀ

ଯୋଗସମନ୍ୱୟ ପ୍ରବନ୍ଧାବଳୀ (ପ୍ରଥମଭାଗ) - ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର
ମୂଲ୍ୟ: ୩୫୦ଟଙ୍କା

ସାବିତ୍ରୀ ଅଧ୍ୟୟନ - ଶ୍ରୀ ପ୍ରଭାକର ମିଶ୍ର
ପ୍ରଥମ ଭାଗ ମୂଲ୍ୟ : ୨୦୦ଟଙ୍କା
ଦ୍ୱିତୀୟ ଭାଗ ମୂଲ୍ୟ : ୨୨୦ଟଙ୍କା

ସର୍ବଧାତ୍ରୀ ସାବିତ୍ରୀ (ପ୍ରଥମ ଭାଗ) - ଶ୍ରୀ ରବିନାରାୟଣ ଜେନା
ମୂଲ୍ୟ: ୪୫୦ଟଙ୍କା

ଭବିଷ୍ୟତର ମଣିଷ - ଶ୍ରୀ ଭୋଳେଶ୍ୱର ଭୂୟାଁ
ମୂଲ୍ୟ : ୨୦୦ଟଙ୍କା

ଦିବ୍ୟଜନନୀ - ଶ୍ରୀ ବୈଲୋଚନ ପରିଡ଼ା
ପ୍ରଥମ ଭାଗ ମୂଲ୍ୟ:୧୫୦
ଦ୍ୱିତୀୟ ଭାଗ ମୂଲ୍ୟ: ୧୫୦

ଏହି ପୁସ୍ତକଗୁଡ଼ିକୁ ୨୫% ରିହାତି ଦରରେ ବିକ୍ରୟ କରାଯାଏ।

---

## ୨୦୧୮ -୧୯ ଶିକ୍ଷାବର୍ଷ ନିମନ୍ତେ ପାଠ୍ୟପୁସ୍ତକ

ନବଜୀବନ ଶିକ୍ଷା ସଂସଦ ପ୍ରକାଶିତ ସମସ୍ତ ପାଠ୍ୟ ପୁସ୍ତକ ବର୍ତ୍ତମାନ ଶ୍ରୀଅରବିନ୍ଦ ଆଶ୍ରମ ଷ୍ଟୋରରେ ଗଚ୍ଛିତ ଅଛି। ଯେଉଁ ସ୍କୁଲମାନେ ସେହି ପୁସ୍ତକ ସବୁକୁ ଆଗରୁ ସଂଗ୍ରହ କରିବାକୁ ଚାହୁଁଛନ୍ତି ସେମାନେ ତୁରନ୍ତ ଆବଶ୍ୟକ ମୁତାବକ ଅର୍ଡ଼ର ପଠାଇଲେ ସେମାନଙ୍କ ନିକଟକୁ ଟ୍ରାନ୍ସପୋର୍ଟ ଜରିଆରେ ପୁସ୍ତକ ପଠାଇ ଦେବାର ବ୍ୟବସ୍ଥା କରାଯିବ। ମନେରଖନ୍ତୁ ପରବର୍ତ୍ତୀ ସମୟରେ ଭିଡ଼ ହୋଇଗଲେ ବହି ମିଳିବାରେ ଅସୁବିଧା ହୁଏ। ତେଣୁ ଆଗରୁ ବହି ଅର୍ଡ଼ର ପଠାଇ ସଂଗ୍ରହ କରିନେବାକୁ ଅନୁରୋଧ।

### ବହି ଅର୍ଡ଼ର ପଠାଇବାର ଠିକଣା

ଶ୍ରୀଅରବିନ୍ଦ ଆଶ୍ରମ ଷ୍ଟୋର, ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ
କଟକ- ୭୫୩୦୧୩

ଟେଲିଫୋନରେ ଅର୍ଡ଼ର ପଠାଇବାର ମଧ୍ୟ ବ୍ୟବସ୍ଥା ଅଛି।
ଟେଲିଫୋନ ନଂ :ପାପୁଭାଇ : ୯୪୩୭୨୧୨୯୫୧,
ନାରାୟଣ ଭାଇ : ୯୨୩୮୯୭୪୯୧୩

ସମ୍ପାଦକ - ଗଦାଧର ମିଶ୍ର ପରିଚାଳନା - ପ୍ରସାଦ

Printed, Published & Edited by Sri Gadadhar Mishra on behalf of the Matrubhaban Trust & Printed at Graphic Art Offset Press, Nuapatna, Cuttack-1 & Published at Matrubhaban, Sri Aurobindo Marg, Cuttack - 753013.
***E-mail - matrubhaban@gmail.com Please visit us at : www.motherorissa.com***